ସକାଳ THE SAKALA



## ୩୧ରେ ମାଆ ହିଙ୍ଗୁଳାଙ୍କ ପାଟବାରୀ ତଥା ନବକଳେବର ଉତ୍ସବ

# ଦୀପ ପ୍ରଜ୍ୱଳନ ଓ ଶାକାହାରୀ ଭୋଜନ ପାଇଁ ରାଜାଙ୍କ ନିବେଦନ

ତାଳଚେର,୨୮ ।୩(ସମିସ): ତାଳଚେରର ଆରାଧ୍ୟ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଆସନ୍ତା ୩୧ ତାରିଖଠାରୁ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ମାଆଙ୍କ ମନ୍ଦିର ନିକଟ ପୂର୍ବ ଦିଗରେ ଉଭାସ୍ଥଳ ଚିହ୍ନଟ ହୋଇଛି। ତେବେ ଚଳିତ ବର୍ଷ ବିଧି ଅନୁସାରେ ମାଆଙ୍କ ପାଟବାରି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ନବକଳେବର ମଧ୍ୟ କୁହାଯାଏ। କାରଣ ଏହି ଉତ୍ସବ ତଥା ନବକଳେବର ଜଣେ ରାଜାଙ୍କ ଜୀବଦ୍ଦଶା ମଧ୍ୟରେ ଥରେ ଆସିଥାଏ। ପୂର୍ବ ରାଜା ସ୍ୱର୍ଗତ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କର ଗତବର୍ଷ ଦେହାନ୍ତ ହୋଇଥିଲା। ତାଙ୍କ ଅନ୍ତେ ୨୬ତମ ରାଜା ଭାବେ ରାଜକୁମାର ଭିଜୟନ୍ତ ଚନ୍ଦ୍ର ଦେବ ଅଧିଷ୍ଠିତ ହେଲେ। ତେଣୁ ପରମ୍ପରା ଅନୁଯାୟୀ ଚଳିତ ବର୍ଷ ମାଆଙ୍କ ନବକଳେବରରେ ତଥା ପାଟବାରି ଉତ୍ସବ ପାଳନ କରିବା ପାଇଁ



ରାଜା ଭିଜୟନ୍ତ ଚନ୍ଦ୍ର ଦେବ ସୂଚନା ଦେଇଛନ୍ତି। ଦେବୀଙ୍କ ପ୍ରତୀକ ରୂପରେ ପୂର୍ବରୁ ପୂଜିତ ହେଉଥିବା ଖମ୍ବ, ପାଷାଣ, ପାଟ, ଚାନ୍ଦୁଆ ଆଦି ବିସର୍ଜନ କରାଯାଇ, ମାଆଙ୍କ ସମସ୍ତ ଆଭୂଷଣ ନୂତନ ଭାବେ ଲାଗି ହେବ। ସୂତାର ଓ ବଢ଼େଇ କାରିଗର ଦେବୀଙ୍କ ପ୍ରତୀକାତ୍ମକ ଖମ୍ବ ବିଧି ମୁତାବକ କାଟି ନୂତନ ଭାବେ ନିର୍ମାଣ କରିବେ। ଏପରିକି ଦାରୁ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଯାତ୍ରା ମଧ୍ୟ ହୋଇଥାଏ। ଦାରୁ ସଂଗ୍ରହ ପାଇଁ ଆବଶ୍ୟକ ହେଉଥିବା କାଠ ହେଉଛି ଶାଳ ଗଛ। ଯେଉଁ ଶାଳ ଗଛ ସ୍ଥିର କରାଯାଇଥାଏ ସେହି ଗଛରେ କୌଣସି ଚଢ଼େଇ ବସା କରି ନ ଥିବା ସହ ମଲାଙ୍କ କିମ୍ବା ଅନ୍ୟ କୌଣସି ଗଛ ବା ଲତା ମାଡ଼ି ନ ଥିବ। ସେହିଭଳି ଗଛ ଭିତର ପୋଲା ହୋଇ ନ ଥିବ। ଏଥିସହ ଏହି ଦାରୁ ମା'ଙ୍କ ପୀଠର ପୂର୍ବ ଦିଗରେ ଉକ୍ତ ଗଛ ସଂଗ୍ରହ କରାଯାଇଥାଏ। ସେହିଭଳି ଦାରୁ ଚିହ୍ନଟ ପରେ ତାହାକୁ ପ୍ରଥମେ ସୁନା ଟାଙ୍ଗିଆ, ପରେ ରୁପା ଟାଙ୍ଗିଆ, ଓ ଶେଷରେ ଲୁହା ଟାଙ୍ଗିଆ ଦ୍ୱାରା କଟାଯିବା ନିୟମ ରହିଛି। ପରେ ପରମ୍ପରା ଅନୁଯାୟୀ ଏହି ପୂଜା ଦେହୁରୀ ସ୍ତ୍ରୀ ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥାନ୍ତି। ନୂତନ ରାଜା ସେହି ସମୟରୁ ରାଜ୍ୟର ଅଧୀଶ୍ୱର ଭାବେ ସ୍ୱୀକୃତି ଲାଭ କରନ୍ତି। ଏହି ପରମ୍ପରାକୁ ମା'ଙ୍କ ନବକଳେବର ବା ପଟ୍ଟାଭିଷେକ ପର୍ବ ଉତ୍ସବ କୁହାଯାଏ। ଏହି ଉତ୍ସବରେ ମାଆ ହିଙ୍ଗୁଳା ଓ କୁଟେଇଶୁଣିଙ୍କ ପାଟବସ୍ତ୍ର, ଆଲମ ଓ ଅନ୍ୟାନ୍ୟ ପୂଜାବିଧି ସହିତ ପରମ୍ପରା ଅନୁଯାୟୀ ନୀତି ପାଳନ କରାଯାଏ। ଏହା ବର୍ତ୍ତମାନର ରାଜାଙ୍କ ଜୀବନବ୍ୟାପୀ ପର୍ଯ୍ୟନ୍ତ ଆଉ ପରିବର୍ତ୍ତନ ହୋଇ ନ ଥାଏ। ତେଣୁ ଆଗାମୀ ୩୧ ତାରିଖ ମଙ୍ଗଳବାର ଦେବୀଙ୍କ ନବକଳେବର ହେଉଥିବାରୁ ଏହି ଦିନ ତାଳଚେରର ସମସ୍ତ ଶ୍ରଦ୍ଧାଳୁ ସମ୍ପୂର୍ଣ୍ଣ ଶାକାହାରୀ ଭୋଜନ କରିବା ସହ ମାଆଙ୍କ ନାମରେ ପ୍ରତି ଘରେ ଦୀପ ପ୍ରଜ୍ୱଳନ କରିବାକୁ ରାଜା ଭିଜୟନ୍ତ ଚନ୍ଦ୍ର ଦେବ ନିବେଦନ କରିଛନ୍ତି।

## ● ଅନୁଗୋଳ ଓକିଲ ସଂଘ ନିର୍ବାଚନ

# ଦିଲୀପ ସଭାପତି, ନିରୋଧ ସାଧାରଣ ସମ୍ପାଦକ



ଅନୁଗୋଳ,୨୮ ।୩(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଅନୁଗୋଳ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଦିଲୀପ ସାହୁ, ଉପସଭାପତି ଭାବେ ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ନିରୋଧ କୁମାର ମିଶ୍ର, ସହ ସମ୍ପାଦକ ଭାବେ ପ୍ରଭୁପ୍ରସାଦ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସେଠୀ ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ଜ୍ୟୋସ୍ନାମୟୀ ସାହୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ଓକିଲ ସଂଘର ସଭ୍ୟମାନେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ■ ତାଳଚେର ଓକିଲ ସଂଘ ନିର୍ବାଚନ

# ଚିତ୍ତରଞ୍ଜନ ସଭାପତି, ଶୈଳେନ୍ଦ୍ର ସାଧାରଣ ସମ୍ପାଦକ



ତାଳଚେର,୨୮ ।୩(ସମିସ): ତାଳଚେର ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳା ସହ ସମାପ୍ତ ହୋଇଛି। ଏଥିରେ ସମୁଦାୟ ୨୬୨ ଜଣ ଓକିଲ ମତଦାନ ସାବ୍ୟସ୍ତ କରିଥିଲେ। ସଭାପତି ଭାବେ ଚିତ୍ତରଞ୍ଜନ ରାଉତ, ସାଧାରଣ ସମ୍ପାଦକ ଭାବେ ଶୈଳେନ୍ଦ୍ର ସିଂ, ଉପ ସଭାପତି ଭାବେ ରବୀନ୍ଦ୍ର ସାମନ୍ତ, ସହ ସମ୍ପାଦକ ଭାବେ ବିଭୀଷଣ ନାଏକ ଓ କୋଷାଧ୍ୟକ୍ଷ ଭାବେ ମାନସ ରାଏ ନିର୍ବାଚିତ ହୋଇଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦକ ଭାବେ ଜ୍ଞାନେଶ୍ୱର ସାହୁ, ଅଡିଟର୍ ଭାବେ ସର୍ଦ୍ଦାର ରାଜେନ୍ଦ୍ର ସିଂ ଧିଙ୍ଗ୍ରା ଓ ସେମିନାର ସମ୍ପାଦକ ଭାବେ କରୁଣାକର ନାୟକ ନିର୍ବାଚିତ ହୋଇଛନ୍ତି।

## ● ଛେଣ୍ଡିପଦା ଓକିଲ ସଙ୍ଘ ନିର୍ବାଚନ

# ନଗେନ ସଭାପତି, ପ୍ରଦୀପ ସମ୍ପାଦକ



ଛେଣ୍ଡିପଦା,୨୮ ।୩(ସମିସ): ଛେଣ୍ଡିପଦା ଓକିଲ ସଙ୍ଘର ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ନଗେନ କୁମାର ନନ୍ଦ, ସମ୍ପାଦକ ଭାବେ ପ୍ରଦୀପ ଗଡ଼ନାୟକ ନିର୍ବାଚିତ ହୋଇଛନ୍ତି। ନଗେନ ଦ୍ୱିତୀୟଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୁର୍ଯ୍ୟୋଧନ ଦେହୁରୀଙ୍କୁ ୧୩ ଭୋଟରେ ପରାସ୍ତ କରିଛନ୍ତି। ସମୁଦାୟ ୫୦ ଜଣ ମତଦନ କରିଥିଲେ। ସଭାପତି ପଦବୀ ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସେହିପରି ଉପସଭାପତି ପଦବୀରେ ପ୍ରଶାନ୍ତ କୁମାର ସାହୁ ୩ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବେ ପ୍ରଦୀପ କୁମାର ଗଡ଼ନାୟକ ୧୧ ଭୋଟ୍‌ରେ ବିଜୟୀ ହୋଇଛନ୍ତି।

## ● ଆଠମଲ୍ଲିକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

# ସୁଶାନ୍ତ ସଭାପତି, ଜିତେନ୍ଦ୍ର ସମ୍ପାଦକ

ଆଠମଲ୍ଲିକ,୨୮ ।୩(ସମିସ): ଆଠମଲ୍ଲିକ ଓକିଲସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଷଷ୍ଠ ଥର ପାଇଁ ସୁଶାନ୍ତ କୁମାର ମହାପାତ୍ର ସଭାପତି ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଉଗ୍ରସେନ ସେଠୀ, ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ମୁଖି, ସହ ସମ୍ପାଦକ ଭାବେ ନିବେଦିତା ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ସୁନୀଲ କୁମାର ଶାସନୀ



ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପରେ ସମସ୍ତେ ମିଶି ଓକିଲସଂଘ କାର୍ଯ୍ୟାଳୟରେ ଥିବା କୁଳବୃଦ୍ଧ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଠମଲ୍ଲିକ ଓକିଲସଂଘର ଉନ୍ନତି ପାଇଁ ସବୁବେଳେ ଚେଷ୍ଟିତ ରହିବେ ବୋଲି ସଭାପତି କହିଛନ୍ତି।

# କସ୍ତୁରୀବାହାଲରେ ପାରମ୍ପରିକ ଦଣ୍ଡନୃତ୍ୟ

କିଶୋରନଗର,୨୮ ।୩(ସମିସ): କସ୍ତୁରୀବାହାଲ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ମମନ୍ଦିରେ ପାଟଭୁକ୍ତା ନିତ୍ୟାନନ୍ଦ ରଣା ପୂଜାର୍ଚ୍ଚନା କରିବା ପରେ ମା' କାଳୀଙ୍କୁ ଢୋଲ, ଘଣ୍ଟବାଦ୍ୟର ତାଳେ ତାଳେ ଶୋଭାଯାତ୍ରାରେ ବାମୁର ଶିବମନ୍ଦିରକୁ ନେଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଶନିବାର ମହାଦେବ ଓ ମା' କାଳୀଙ୍କୁ ସାଙ୍ଗରେ ଆଣି ଗାଁକୁ ଫେରି ଘରେ ଘରେ ବନ୍ଦାଣ କରିଥିଲେ। ପାଟଭୁକ୍ତା, ପୂଜକ ଓ



ମାନସିକଧାରୀ ଦଣ୍ଡୁଆ ଭକ୍ତମାନେ ଦଣ୍ଡଯାତ୍ରାରେ ସାମିଲ ହୋଇଛନ୍ତି। ଦିନରେ ଧୂଳିଦଣ୍ଡ, ସନ୍ଧ୍ୟାରେ ପାଣିଦଣ୍ଡ ଓ ରାତିରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ କୋଲ ଇଣ୍ଡିଆ ଅଧ୍ୟକ୍ଷ



ତାଳଚେର,୨୮ ।୩(ସମିସ): କୋଲ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଆଜି ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିଛନ୍ତି। ତିନିଦିନିଆ ଓଡ଼ିଶା ଗ୍ରସ୍ତରେ ଆସି ଅଧ୍ୟକ୍ଷ ସାଇରାମ ଶିଳ୍ପାଞ୍ଚଳ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ଶନିବାର ଅପରାହ୍ନରେ ଗୋପାଳପ୍ରସାଦସ୍ଥିତ ମା'ଙ୍କ ପୀଠରେ ପହଞ୍ଚି ହିଙ୍ଗୁଳାଙ୍କ ଉଭାସ୍ଥଳୀକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେ ହିଙ୍ଗୁଳା ମନ୍ଦିର ମଧ୍ୟକୁ ଯାଇ ମା' ଅଗ୍ନିରୂପାଙ୍କ ଆରାଧନା କରିଥିଲେ। ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପୂର୍ବତନ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ସନ୍ତୋଷ ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ଅଧ୍ୟକ୍ଷ ସାଇରାମଙ୍କୁ ସ୍ୱାଗତ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମା'ଙ୍କ ପ୍ରତିମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ଉଦୟ ଅନନ୍ତ କାୱଲେ, ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ନିର୍ଦ୍ଦେଶକ ଅଜୟ କୁମାର ବେଉରା, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏକେ ଧଳ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍‌ଭି ଯୋଶୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆରଆର ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେବି ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁଙ୍କ ସମେତ ବିଭିନ୍ନ କୋଇଲା କ୍ଷେତ୍ରର ବହୁ ଉଚ୍ଚ ଅଧିକାରୀ, ଶ୍ରମିକ ନେତା ଉପସ୍ଥିତ ଥିଲେ।

## ● ଗ୍ରାମବାସୀ-ପୁଲିସ ମୁହାଁମୁହିଁ

# ଗାଡ଼ି ସହ ପୁଲିସକୁ ଅଟକ ରଖିଲେ ଗ୍ରାମବାସୀ

ଛେଣ୍ଡିପଦା,୨୮ ।୩(ସମିସ): ଛେଣ୍ଡିପଦା ବ୍ଲକ କୋଶଳା ଗାଁରେ ଏବେ ହୁ ହୁ ହୋଇ ଜଳୁଛି ଅସନ୍ତୋଷର ନିଆଁ। ଗ୍ରାମବାସୀ ଏବଂ ପୁଲିସ ମୁହାଁମୁହିଁ ହୋଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ପୁଲିସକୁ ଗାଡ଼ି ସହ ଅଟକ ରଖିଛନ୍ତି ଉତ୍ତ୍ୟକ୍ତ ଗ୍ରାମବାସୀ। ସୂଚନା ଅନୁସାରେ, ଗାଁ ମଧ୍ୟ ଦେଇ କୋଇଲା ଗାଡ଼ି ଚଳାଚଳକୁ ବିରୋଧ କରି ଦୀର୍ଘ ୨୧ଦିନ ହେଲା କୋଶଳା ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ



ଧାରଣା ଦେଇ ଆସୁଥିଲେ। ଗ୍ରାମବାସୀଙ୍କ ଦାବି ଥିଲା ଯେ କୋଇଲା ପରିବହନ ଯୋଗୁଁ ଗାଁରେ ପ୍ରଦୂଷଣ ବଢ଼ିବା ସହ ଦୁର୍ଘଟଣାର ଭୟ ରହୁଛି। ମାତ୍ର ଆଜି ଏହି ଆନ୍ଦୋଳନ ଭିନ୍ନମୋଡ଼ ନେଇଛି। ଆଜି ଧାରଣା ପାଇଁ ଗାଁରେ ଏକ ପ୍ରଚାର ଗାଡ଼ି ବୁଲୁଥିବା ବେଳେ ପୁଲିସ ହଠାତ୍ ସେହି ଗାଡ଼ିକୁ ଜବତ କରିନେଇଥିଲା। ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରାମବାସୀଙ୍କୁ ଆହୁରି ଅଧିକ ଉତ୍ତ୍ୟକ୍ତ କରିଦେଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପୁଲିସକୁ ଘେରି ଯାଇଥିଲେ। କେବଳ ସେତିକି ନୁହେଁ, ପୁଲିସ ଗାଡ଼ି ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି। ଯେପର୍ଯ୍ୟନ୍ତ ଗାଁ ମଧ୍ୟ ଦେଇ କୋଇଲା ପରିବହନ ବନ୍ଦ ନ ହୋଇଛି, ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସେଠାରେ ସ୍ଥିତି ଗମ୍ଭୀର ରହିଛି।

# ଦଶମୀ ପୂଜା ସହ ଅମଲାପଡ଼ା ବାସନ୍ତିକ ଦୁର୍ଗାପୂଜା ଉଦଯାପିତ

ଅନୁଗୋଳ,୨୮ ।୩(ସମିସ): ଅମଲାପଡ଼ା ବାସନ୍ତିକ ଦୁର୍ଗାପୂଜା ଅବସରରେ ଆଜି ଦଶମୀରେ ରୀତିନୀତି ପୂଜା, ପୂର୍ଣ୍ଣାହୁତି ହୋମ ଓ ଘଟ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଶିକ୍ଷାବିତ ମହେଶ ଧଳ, ସମାଜସେବୀ ବିପ୍ଳବ ଜେନା, ଯୁବନେତା ଚନ୍ଦ୍ରକାନ୍ତ ପ୍ରଧାନ, ବରିଷ୍ଠ ବିଜେପି ନେତା ଦିଲୀପ ପ୍ରଧାନ, ଦିଲେଶ୍ୱର



ପ୍ରଧାନ, ସୁଦୀପ ଗଡ଼ନାୟକ, ବିଶ୍ୱଜିତ ମିଶ୍ର, ବସଲା ସରପଞ୍ଚ ଚନ୍ଦନ ସାହୁ, ଯୁବନେତା କମଲ ସାହୁ, ମିଲାପ ସାହୁ, ଓକିଲ ସଂଘ ସଭାପତି ଦିଲୀପ ସାହୁ, ଆଠମଲ୍ଲିକ ଓକିଲ ସଂଘ ସଭାପତି ପିନା ମହାପାତ୍ର ପୂଜା ମଣ୍ଡପକୁ ଆସି ମା'ଙ୍କ ଦର୍ଶନ କରିଥିଲେ। ରାତିରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ରେ ଜମିଥିଲା। କଟକର ପ୍ରସିଦ୍ଧ ମେଲଡି ଦଳ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପୂଜା କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ଉପସଭାପତି ଯତୀନ ସେଠୀ, ସମ୍ପାଦକ ଅନୁପ ମହାନ୍ତି, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରାୟଙ୍କ ସମେତ ଉପଦେଷ୍ଟା ଆଇନଜୀବୀ ପ୍ରଦୀପ ଦେବତା ଓ ଶଶାଙ୍କ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ସିପୁ ପଟ୍ଟନାୟକ, ବାପୁ ଭଞ୍ଜ, ରିତେଶ ଦଳବେହେରା, ବାପି ଦାସ, ସୌମ୍ୟ ଦାସ, ଗୁଲୁ ମହାନ୍ତି, ଶିବରାଜ ପ୍ରଧାନ, ପ୍ରତାପ ମାଝୀ, ମନୁ ପ୍ରଧାନ, ବିଜୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ମା'ଙ୍କ ଭସାଣି ଶୋଭାଯାତ୍ରା ଅନୁଗୋଳ ନଗର ପରିକ୍ରମା କରି ଅମଲାପଡ଼ା କେନାଲରେ ବିସର୍ଜନ କରାଯିବ।

# ପୃଥକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ବଣଁରପାଳ,୨୮ ।୩(ସମିସ): ୫୫ନମ୍ବର ଜାତୀୟ ରାଜପଥର ବଣଁରପାଳ ଥାନା ନିକଟ ନୂଆହତା ବାଇପାସ୍ ରାସ୍ତାରେ ଦୁଇଟି ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ କିଛିଦିନ ତଳେ ଏହି ସ୍ଥାନରେ ଦୁର୍ଘଟଣା ଘଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସେଠାରେ ହମ୍ପ ତିଆରି କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ହମ୍ପର ସଙ୍କେତ ଦେବକୁ ଭୁଲିଗଲେ। ଫଳରେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଚାଲିଛି। ଶନିବାର ଏହିପରି ଜାତୀୟ ରାଜପଥର ଦୁଇ ପାଶ୍ୱର୍ରେ ଦୁଇଟି ଦୁର୍ଘଟଣା ଘଟିଛି। ପୁଲିସ ସୂଚନା ମୁତାବକ ରାତି ପ୍ରାୟ ୩ଟାରେ ଭୁବନେଶ୍ୱରରୁ ଏକ କାର୍ ଅନୁଗୋଳ ଆସି ଭୁବନେଶ୍ୱର ଅଭିମୁଖେ ଫେରିବା ସମୟରେ ହମ୍ପରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଚାଳକ ସାମାନ୍ୟ ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ପାରାଦୀପରୁ ଏକ ଟ୍ରେଲର ଅନୁଗୋଳ ଆସୁଥିବା ବେଳେ ହମ୍ପରେ ଭାରସାମ୍ୟ ହରାଇ କୌଣସି ଏକ ଗାଡ଼ିର ପଛରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦମକଳବାହିନୀ ପହଞ୍ଚି ପ୍ରାୟ ଏକଘଣ୍ଟା ପରେ ଗାଡ଼ି ମଧ୍ୟରୁ ଚାଳକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଛେଣ୍ଡିପଦା,୨୮ ।୩(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଚାରିଛକ ନିକଟରେ ଏକ ପାଚେରିରେ ବାଇକ୍ ଧକ୍କା ହେବାରୁ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧଉରା ଖମଣ ଗ୍ରାମର ପପୁନ ପ୍ରଧାନ। ପପୁନ ଛେଣ୍ଡିପଦାରୁ ନିଜ ବାଇକ୍ ଯୋଗେ ଫେରୁଥିବା ବେଳେ ହାଣ୍ଡିଗୋଡ଼ା ଚାରିଛକ ନିକଟରେ ଏକ ପାଚେରିରେ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଛେଣ୍ଡିପଦା ଥାନା ପୁଲିସ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ନାହିଁ 'ନୋ ଏଣ୍ଟ୍ରି' କଟକଣା

# ଧୂଳିଧୂଆଁରେ ତାଳଚେର ସହର ଆକ୍ରାମାକ୍ରା

ତାଳଚେର,୨୮ ।୩(ସମିସ): ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ଓ ରାସ୍ତାଘାଟ ଜନିତ ସମସ୍ୟା ଥିଲେ ସୁଦ୍ଧା ତାହାର ନିରାକରଣ ହୋଇ ନ ପାରିବା ଉଦବେଗ ବିଷୟ ପାଲଟିଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କିଛିଦିନ ରାସ୍ତାରେ ପାଣି ସିଞ୍ଚନ କରାଗଲା। କିନ୍ତୁ ଏବେ ପାଣି ସିଞ୍ଚନ ତ ଦୂରକଥା ରାସ୍ତାରେ ଉଡୁଥିବା ଧୂଳିରେ ମୁହଁ ଦିଶୁନି। ତାଳଚେର ବ୍ଲକ ତାଳବେଡ଼ାଠାରୁ ଚାଇଁପାଳ ଦେଇ ବଣଁରପାଳ ଯାଇଥିବା ଜାତୀୟ ରାଜପଥରେ ଯାତାୟାତ ଯମଯନ୍ତ୍ରଣା ଦେଉଛି। ରାସ୍ତା ପାଶ୍ୱର୍ରେ ଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେବା ସହ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଥିବାରୁ ଅଞ୍ଚଳବାସୀ ବ୍ୟଥିତ ହୋଇପଡ଼ିଛନ୍ତି।

ଏଠାରେ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧୂଳିଧୂଆଁ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନୋ ଏଣ୍ଟ୍ରି କଟକଣା ଜାରି କରିଥିଲେ। ଭାରୀଯାନଗୁଡ଼ିକ ୨୦ କିମି ବେଗରେ ଯିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲୋକେ ନୋ ଏଣ୍ଟ୍ରି ସମୟରେ ଯାତାୟାତ କରିବାକୁ ସୁବିଧା ହେଉଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହାକୁ



ହେୟଜ୍ଞାନ କରି ଟ୍ରକଗୁଡ଼ିକ ଦ୍ରୁତଗତିରେ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳୁଛି। ତେଲ ପକାଇବା ତଥା ମରାମତି କରିବା ନାମରେ ରାଜପଥ ପାଶ୍ୱର୍ରେ ମନଇଚ୍ଛା ପାର୍କିଂ କରିବା ଯୋଗୁଁ ରାସ୍ତା ସଙ୍କୁଚିତ ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଦୈନିକ ଶହଶହ ଟ୍ରକ ଯାତାୟତ କରୁଥିବାରୁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ୧୩ କିମି ରାସ୍ତାକୁ ଅତିକ୍ରମ କରିବାକୁ ପ୍ରାୟ ୪ରୁ ୫ ଘଣ୍ଟା ଲାଗିଯାଉଛି। ବେଳେ ବେଳେ ଜରୁରୀକାଳୀନ ଗାଡ଼ି ଯଥା ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ୍, ଦମକଳ ମଧ୍ୟ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି। ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପିସି, ଡେରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି। ଏହି କୋଇଲା ଖଣି, ଏନଟିପିସି, ଜିନ୍ଦଲରୁ ହଜାର ସଂଖ୍ୟକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ ଜାତୀୟ ରାଜପଥରେ ଚଳପ୍ରଚଳ କରିଥାନ୍ତି। ଫଳରେ କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁ ରାଜପଥରେ ପଡ଼ିବାରୁ ଲୋକେ ଆକ୍ରାମାକ୍ରା ହୋଇ ପଡୁଛନ୍ତି। ରାଜପଥ ଅଣଓସାରିଆ ସାଙ୍ଗକୁ ଏତେ ସଂଖ୍ୟକ ଟ୍ରକ ଚଳାଚଳ ଯୋଗୁଁ ବ୍ୟାପକ କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଦିନରେ ମଧ୍ୟ ରାସ୍ତାଘାଟ ଠିକଭାବେ ଦେଖାଯାଇ ନ ଥାଏ। ଫଳରେ ସାଇକଲ କିମ୍ବା ବାଇକ୍ ଆରୋହୀ ପ୍ରଚୁର ଧୂଳିରେ ଅଣନିଃଶ୍ୱାସୀ ହେବା ସହ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏପରିକି ରାସ୍ତା ପାଶ୍ୱର୍ରେ ତାଳବେଡ଼ା ଗ୍ରାମଠାରୁ ଆରମ୍ଭ କରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ଉଡୁଥିବା କୋଇଲା ମିଶ୍ରିତ ଧୂଳି ଭାତହାଣ୍ଡିରେ ପଡୁଥିବା ଅଭିଯୋଗ ହୋଇ ଆସୁଛି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ସମେତ ବିଭିନ୍ନ ଫୋରମରେ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳିପାରିନି। ଏହି ଜାତୀୟ ରାଜପଥ ଦେଇ ମନ୍ତ୍ରୀ, ସାଂସଦ, ବିଧାୟକ, ପ୍ରଶାସନିକ ଅଧିକାରୀ, ଏନଏଚଆଇ ଓ ପ୍ରଦୂଷଣ ବିଭାଗର ଅଧିକାରୀ ଚଳପ୍ରଚଳ କରୁଥିଲେ ମଧ୍ୟ ଏହି ସମସ୍ୟା ସମାଧାନ କରିବାକୁ କାହାର ମଧ୍ୟ ଆନ୍ତରିକତା ନାହିଁ। ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ଦୁଇ ପ୍ରମୁଖ ସମସ୍ୟା ସମାଧାନ ହୋଇପାରୁନାହିଁ। ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟା ସମାଧାନ ଦିଗରେ ଖର୍ଚ୍ଚ କରାଯାଉ ନାହିଁ ତଥା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଆଗାମୀ ଦିନ ଜୋରଦାର ଆନ୍ଦୋଳନ ଦାନା ବାନ୍ଧୁଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ



କିଶୋରନଗର,୨୮ ।୩(ସମିସ): କିଶୋରନଗର ବ୍ଲକ ବଇଣ୍ଠାର ସ୍ୱର୍ଗତ ଯଶୋଦା ମହାନ୍ତିଙ୍କ ଧର୍ମପତ୍ନୀ କ୍ଷୀରୋଦ ବାସିନୀ ମହାନ୍ତିଙ୍କର ଶୁକ୍ରବାର ସକାଳେ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା, ମେଳାପୀ, ମିଷ୍ଟଭାଷୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜାମୁନାଳୀଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରଞ୍ଜିତ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁଅ ଜ୍ଞାନଜିତ୍ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ସଞ୍ଜିତ ପଟ୍ଟନାୟକ, ଅଜିତ୍ ପଟ୍ଟନାୟକ, ଝିଅ ସ୍ମିତାରାଣୀ ପଟ୍ଟନାୟକଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

ଚିଙ୍ଗୁଡ଼ିଘେରି ଉଚ୍ଛେଦ ବେଳେ ଉତ୍ତେଜନା

# ବନ କର୍ମଚାରୀଙ୍କୁ ମାଲିକ, ଫାଇନାନ୍ସରଙ୍କ ମାଡ଼

ରାଜନଗର, ୨୮।୩(ସମିସ)



ତାଳଚୁଆ ଥାନାରେ ମାମଲା

ଭିତରକନିକା ଅଞ୍ଚଳରୁ ଆଜି ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ସମୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ବନ ବିଭାଗ କର୍ମଚାରୀଙ୍କୁ ମାଡ଼ ମରାଯାଇଛି। ଘେରି ଭଙ୍ଗା ଯାଉଥିବାବେଳେ ଘେରି ମାଲିକ, ଫାଇନାନ୍ସର ଓ ବାହାର ଲୋକ ପହଞ୍ଚି ବନ କର୍ମଚାରୀଙ୍କୁ ବିରୋଧ କରିବା ସହ ମାଡ଼ ମାରିଛନ୍ତି। ଏଥିରେ ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡ଼ିଘେରି ଭଙ୍ଗା ଯାଉଥିବାବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ ଆଲୋଡନ ସୃଷ୍ଟି କରିଛି। ଏ ନେଇ ବନ ବିଭାଗ ପକ୍ଷରୁ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡିଘେରି ପାଇଁ ନଷ୍ଟ ହେଉଛି। ସିଆରଜେଡ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡିଘେରି ରହିପାରିବନାହିଁ। ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଚିଙ୍ଗୁଡିଘେରି ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଚଳିତ ମାସ ୨୦ ତାରିଖ ଦିନ ୧୭ ଜଣଙ୍କ ୨୦ଟି ଘେରି ଓ ୨୪ ତାରିଖ ଦିନ ୧୧ ଜଣଙ୍କ ୨୧ଟି ଚିଙ୍ଗୁଡି ଘେରି ବନ ବିଭାଗ ଉଚ୍ଛେଦ କରିଥିଲା। ୨୫ ତାରିଖ ଦିନ ପଟାପାଣିଆରେ ବନବିଭାଗ ଟିମ ଘେରି ଭାଙ୍ଗିବାକୁ ପହଞ୍ଚିବା ପରେ ମହିଳା ଓ ଚିଙ୍ଗୁଡି ଘେରି ମାଲିକ ବିରୋଧ କରିଥିଲେ। ଆଜି ବେଆଇନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ବନ ବିଭାଗ ଟିମ୍ ଗୋପାଳକାଉପଟାଣରେ ପହଞ୍ଚିଥିଲା। ପ୍ରଥମ ଘେରି ଭାଙ୍ଗି ସାରି ଦ୍ୱିତୀୟ ଘେରି ଭାଙ୍ଗିବା ବେଳକୁ ହଠାତ ଘେରି ମାଲିକ, ଫାଇନାନ୍ସର ଓ କିଛି ବାହାର ଲୋକ ପହଞ୍ଚି ଘେରି ଭାଙ୍ଗିପାରିବନାହିଁ କହିଥିଲେ। ବନ କର୍ମଚାରୀ ଘେରି ଭାଙ୍ଗିବା କାର୍ଯ୍ୟ ଜାରି ରଖିଥିବା ବେଳେ ଘେରି ମାଲିକ, ଫାଇନାନ୍ସର ଘେରିଯାଇ ବନ କର୍ମଚାରୀ ଅର୍ଜ୍ଜୁନ ଦଳେଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶତ୍ରୁଘ୍ନ ମଣ୍ଡଳ, ଜୟଦେବ ଜେନା, ଦିଲ୍ଲୀପ ପଣ୍ଡା, ଶାନ୍ତନୁ ପାହାଡି ଘେରିଯାଇ ଏହି ଆଦିବାସୀ ବନ କର୍ମଚାରୀଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରିବା ସହ ବିଧା, ଗୋଇଠା, ଚାପୁଡ଼ା, ଡଣ୍ଡିଆ ମାରିବା ସହିତ ଜାତିଗତ ଗାଳିଗୁଲଜ କରିଥିଲେ। ଆକ୍ରମଣରେ ଆହତ ବନ କର୍ମଚାରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବନ କର୍ମଚାରୀ ଶ୍ରୀ ଦଳେଇ, ଫରେଷ୍ଟ ଗାର୍ଡ ସରୋଜ ଲାକ୍ରା ଓ ଏସିଏଫ ମାନସ ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସଖ୍ୟାରାଣୀ ଜେନାଙ୍କୁ ପଚାରିବାରୁ କେସ ନମ୍ବର ୭୧/୨୦୨୬ରେ ଦଫା ୨୯୬, ୧୨୧, ୧୧୫ (୨), ୧୩୨, ୩୫୧ (୩), ୩ (୫) ବିଏନଏସ, ଆର/ଡବ୍ଲ୍ୟୁ ସେକ୍ସନ ୩ (୧) (ଆର) (ଏସ) ୩ (୨) (ଭି) ଏସି/ଏସଟି ଆକ୍ଟ ଏରେ ମାମଲା ରୁଜୁ କରାଯାଇଛି ବୋଲି କହିଛନ୍ତି।

● ରାଜନଗର ବାର୍ ଆସୋସିଏସନ ନିର୍ବାଚନ

## ଉମେଶ ସଭାପତି, ଭଜକୃଷ୍ଣ ସମ୍ପାଦକ






ରାଜନଗର, ୨୮।୩(ସମିସ): ରାଜନଗର ବାର୍ ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜନଗର କୋର୍ଟ ପରିସରରେ ଭୋଟ ଦେଇଥିଲେ ଆଇନଜୀବୀ। ସକାଳ ୭ରୁ ଅପରାହ୍ନ ୩ଟା ଯାଏଁ ଭୋଟ ଦେଇଥିଲେ। ସଭାପତି ଭାବେ ଉମେଶ ଦାସ, ଉପସଭାପତି ଭାବେ ଦେବଦତ୍ତ ସେଠୀ, ସମ୍ପାଦକ ଭାବେ ଭଜକୃଷ୍ଣ ମିଶ୍ର, ଯୁଗ୍ମସମ୍ପାଦକ ଭାବେ ବାଉଳିଶୋର ମହାନ୍ତି ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ପଦପାଇଁ ମନ୍ମଥକୁମାର ରାଉତ, ଲାଇବ୍ରେରୀ ସମ୍ପାଦକ ଭାବେ ନାରାୟଣ ବେହୁରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜନ୍ମେଜୟ ବେହେରା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ବିଶ୍ୱନାଥ ବାରିକ ନିର୍ବାଚନ ପରିଚାଳନା କରିଥିଲେ।

● ପଟ୍ଟାମୁଣ୍ଡାଇ ଓକିଲ ସଂଘ ନିର୍ବାଚନ

## ସୂର୍ଯ୍ୟରଞ୍ଜନ ସଭାପତି, ରବୀନ୍ଦ୍ର ସମ୍ପାଦକ



ପଟ୍ଟାମୁଣ୍ଡାଇ,୨୮।୩(ସମିସ): ପଟ୍ଟାମୁଣ୍ଡାଇ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ସୂର୍ଯ୍ୟରଞ୍ଜନ ରାଉଳ ସଭାପତି, ଗୋପୀନାଥ ତ୍ରିପାଠୀ ଉପସଭାପତି, ରବୀନ୍ଦ୍ର କୁମାର ଦାଶ ସମ୍ପାଦକ, ସତ୍ୟନାରାୟଣ ନାୟକ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଗୀତାଞ୍ଜଳି ପୃଷ୍ଟି ଓ ପାଠାଗାର ରକ୍ଷକ ଭାବେ ସିନାରାଣୀ ଓଝା ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଡଭୋକେଟ ଭାଗ୍ୟଧର ପ୍ରଧାନ ଘୋଷଣା କରିଛନ୍ତି। ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଶ୍ରୀରାମ ନବମୀରେ ଶ୍ରୀରାମ ସେନାର ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ, ୨୮।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀରେ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା



ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାଣ୍ଡି ହନୁମାନ ମନ୍ଦିର ପରିସରରୁ ବାହାରିଥିଲା। ଶୋଭାଯାତ୍ରା ମଦନପୁର, ମାଳିପୁର ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବକ୍ତାରପୁର ଛକ ଦେଇ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲା। ୧୫ କମି ରାସ୍ତା ଅତିକ୍ରମ କରି ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବାଲିପଡ଼ା ହନୁମାନ ମନ୍ଦିରରେ ପହଞ୍ଚିଥିଲା। ଏ ଅବସରରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ ଓ ଶ୍ରୀରାମ ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରୀରାମ ସେନା କର୍ମୀ ଓ ବିଭିନ୍ନ ହିନ୍ଦୁ ସଂଗଠନର ବ୍ୟକ୍ତି ସାମିଲ ଥିଲେ। ବିମଳ କୁଣ୍ଡ, ବିନ୍ଦୁସାଗର ଦାସ, ଶଶୀକାନ୍ତ ମଲିକ, ଶୁଭକାନ୍ତ ରାଉତ, କାଉନସିଲର ବିଦ୍ୟାଧର ସେଠୀ, ପୂର୍ବତନ ବିଜେପି ନଗର ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ, ରମାକାନ୍ତ ଦାଶ, ସମୀର ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଜେନା, ବିଦ୍ୟାଧର ମଲିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଅଶୋକ ପ୍ରଧାନ, ଅଭିରାମ ସାମଲ, ରମେଶ ପଣ୍ଡା, ଅଭିମନ୍ୟୁ ସାମଲ, ସୁଜିତ ମହାନ୍ତି, ଦୀପକ ସାମଲ, ବିଶ୍ୱରଞ୍ଜନ ଜେନା, ବଲ୍ଲଭ ନାୟକ, ବିକାଶ ଖଣ୍ଡାଇ, ସୁଶାନ୍ତ ସାମଲ, ସମୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଛପାଲି ଗୋଡ଼ାରେ ସଡ଼କ ସୁରକ୍ଷା ସଚେତନତା




ମହାକାଳପଡ଼ା,୨୮।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଉଳକଣି ପଞ୍ଚାୟତର ଛପାଲି ଗୋଡାଠାରେ ଆଜି ଜମ୍ବୁ ସାମୁଦ୍ରିକ ଥାନା ଆନୁକୂଲ୍ୟରେ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଏ ଅବସରରେ ଯୁବ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ସାମାଜିକ କାର୍ଯ୍ୟରେ ଆଗୁଆ ହେବା ସହ ଅପରାଧ ଓ ନଶାଦ୍ରବ୍ୟରୁ ଦୂରେଇ ରହିବାକୁ ଉପସ୍ଥିତ ପୁଲିସ କର୍ମଚାରୀ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏମିତି କାର୍ଯ୍ୟକ୍ରମ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବୃଦ୍ଧି କରାଇବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ଅନୀତା ସ୍ୱାଇଁ, ଏସଆଇ ବାପୁଜୀ ଶେଖର ପଲାଇ, ଗୃହରକ୍ଷୀ ରାକେଶ ବାରିକ, ସଦାଶିବ ମଲ୍ଲିକ, ରଶ୍ମିରଞ୍ଜନ ମଣ୍ଡଳ, ରଶ୍ମିତା ଦାସଙ୍କ ସମେତ ବହୁସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ଅଧିକ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଦାବି

ଡେରାବିଶ, ୨୮।୩(ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଓ ନୂଆହାଟ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଗ୍ରାମରେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ବଦଳାଇ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ପାଇଁ ଛତା ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ପୂର୍ବରୁ ବସିଥିବା ଟ୍ରାନ୍ସଫର୍ମରଟି ଆବଶ୍ୟକ ପରିମାଣର ଭୋଲଟେଜ୍ ଯୋଗାଇ ପାରୁ ନ ଥିବାରୁ ବହୁ ସମୟରେ ବିଦ୍ୟୁତ୍ ସରବରାହରେ ତ୍ରୁଟି ପରିଲକ୍ଷିତ ହେଉଛି। ଏଥିସହ ଉପଭୋକ୍ତା ବ୍ୟବହାର କରୁଥିବା ବଲ୍‌ବ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରାଂଶ ଲୋ-ଭୋଲଟେଜ୍ ଯୋଗୁ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନି। ଫଳରେ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ଖରାଦିନ ଆରମ୍ଭ ହୋଇଯାଇଥିବାରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ଏହି ସମସ୍ୟା ଆହୁରି ଦ୍ୱିଗୁଣିତ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଗ୍ରାମରେ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମର ଉମାକାନ୍ତ ଚାନ୍ଦ, ସୁକଦେବ ସିଂ, ଉପେନ୍ଦ୍ରନାଥ ବେହେରା, ଗଣେଶ ସିଂ ପ୍ରମୁଖ ଦାବି କରିଛନ୍ତି।

## ମା'କାଳୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ରାଜନଗର, ୨୮।୩(ସମିସ): ରାଜନଗର ବ୍ଲକ୍ କୁରୁଣ୍ଟି ଗ୍ରାମର ମା' କାଳୀ ସାଂସ୍କୃତିକ ପରିଷଦର ୪୬ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ସଭାପତି ନରେଶ କଅଁରଙ୍କ ପୌରୋହିତ୍ୟ ଓ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ



ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସଡିପିଓ ସୁକାନ୍ତ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ନରେଶ ସାହୁ, ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ଶିକ୍ଷକ ନିରଞ୍ଜନ ଶତପଥୀ, ସାମ୍ବାଦିକ ବସନ୍ତ କୁମାର ହାତୀ ଯୋଗଦେଇ ମା' କାଳୀଙ୍କ ପ୍ରତି ଦୃଢ ବିଶ୍ୱାସ, ଭଲ ପାଇବା ସହିତ ତ୍ୟାଗ ମନୋଭାବ ରହିଲେ ଭଲ ମଣିଷ ସହିତ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ପ୍ରତିଯୋଗିତା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସୂର୍ଯ୍ୟପ୍ରକାଶ ମହାନ୍ତି ସେଣ୍ଟ୍ରାଲ ଇନ୍ସପେକ୍ଟର ଏକ୍ସାଇଜ, ଡାକ୍ତର ପାଇଁ ଅଭିଷେକ ନରେନ୍ଦ୍ର, ସରକାରୀ ଅଧ୍ୟାପକ ପାଇଁ ଶୁଭ୍ରଜିତ ରାଉତ, ସଏଲ କଞ୍ଜରଭେସନ ପାଇଁ କୌଶିକ ରାଉତ, ସୌଭାଗ୍ୟ ମଙ୍ଗରାଜ, ବୁଦ୍ଧଦେବ ପରିଡାଙ୍କୁ ମା' କାଳୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଭାତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରମୋଦ ଶତପଥୀ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଶତ୍ରୁଘ୍ନ ଦାସ, କମଳାକାନ୍ତ ରାଉତ, ଅଶୋକ ବିଶ୍ୱାଳ, ଅରକ୍ଷିତ ନରେନ୍ଦ୍ର, ଅକ୍ଷୟ ରାଉତ ପରିଚାଳନା କରିଥିଲେ।

## ରାମଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ



ପଟ୍ଟାମୁଣ୍ଡାଇ,୨୮।୩(ସମିସ): ପଟ୍ଟାମୁଣ୍ଡାଇ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ମିଳିତ ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ ୯ଦିନ ବ୍ୟାପି ସ୍ଥାନୀୟ ଶ୍ରୀରାମ ମନ୍ଦିର ମାନସ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ସତସଙ୍ଗ ମହିମା ଓ ଶିବ ବିବାହ, ଦ୍ୱିତୀୟ ଦିବସରେ ଶ୍ରୀରାମ ଜନ୍ମ, ବାଲ୍ୟଲୀଳା, ତୃତୀୟ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ଚତୁର୍ଥ ଦିବସରେ ଶ୍ରୀରାମ ବନ ଗମନ, କୈବର୍ତ୍ତ ପ୍ରସଙ୍ଗ, ପଞ୍ଚମ ଦିବସରେ ଦଶରଥ ମହାରାଜାଙ୍କ ମହାପ୍ରୟାଣ ଓ ଭରତଙ୍କ ଚିତ୍ରକୂଟ ଯାତ୍ରା, ଷଷ୍ଠ ଦିବସରେ ଶ୍ରୀରାମ ଭରତ ମିଳନ ଓ ସୀତା ହରଣ, ସପ୍ତମ ଦିବସରେ ଶ୍ରୀରାମ ହନୁମାନ ମିଳନ, ଲଙ୍କା ଦହନ, ଅଷ୍ଟମ ଦିବସରେ ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ନବମ ତଥା ଉଦଯାପନୀ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, କାଳଭୂଷଣ୍ଡି ଓ ଗରୁଡ଼ ସମ୍ବାଦ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରତିଷ୍ଠିତ ପ୍ରବଚକ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଏଥିରେ ବ୍ୟାସ ଭାବେ ପୁରୀ ବଡ଼ଶଙ୍ଖ ଶ୍ରୀରାମ କୁଟୀର ବାବାଜୀ ବିଷ୍ଣୁ ବନମାଳୀ ଦାସ ଓ ଆଚାର୍ଯ୍ୟ ଭାବେ ନୂଆଗାଁର ପଣ୍ଡିତ ଭ୍ରମରବର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଆଧ୍ୟାତ୍ମିକ ମହୋତ୍ସବରେ ଢେଙ୍କାନାଳ ଭୁବନ ଆଶ୍ରମର ପଣ୍ଡିତ ସନ୍ତୋଷ ଚୈତନ୍ୟ, ଜଗତପୁର ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାଶ, ଭଦ୍ରକ ପୀରହାଟର ପଣ୍ଡିତ ବିଜୟ ରାଘବେନ୍ଦ୍ର ଦାସ, ଭୁବନେଶ୍ୱରର ପଣ୍ଡିତ ବ୍ରଜକିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଡା ରଶ୍ମିରଂଜନ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ସଭାପତି କିରଣ ଭୂୟାଁ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ଚତୁର୍ଭୁଜ ରାଉଳ, ଗୀତା ଚାରଣ ସମିତି ସଭାପତି ପ୍ରମୋଦ ନାୟକ, ଆଡଭୋକେଟ ସଞ୍ଜୟ ସାହୁ, ବଣିକ ସଂଘ ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୮।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଣା ମେଡିକାଲସ୍ଥ ସମ୍ମିଳନୀ କକ୍ଷରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଆଇନ ଅନୁପାଳନ ସମ୍ପର୍କିତ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ଉଦ୍ଦେଶ୍ୟ ହେଉଛି କୋଟପା-୨୦୦୩ (ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନ) କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରିବା ସହିତ ସାର୍ବଜନିକ ସ୍ଥାନରେ ତମାଖୁ ବ୍ୟବହାରକୁ ନିୟନ୍ତ୍ରଣ କରିବା। ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଶାଖା, ଅବକାରୀ, ଶିକ୍ଷା ବିଭାଗ ସହିତ ଅନ୍ୟ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ ଡା. ମିର୍ଜା ବାବର ବେଗ, ଡାକ୍ତର ନିରାକାର କର ଯୋଗଦେଇ କୋଟପା-୨୦୦୩ର ମୁଖ୍ୟ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ସାର୍ବଜନିକ ସ୍ଥାନରେ ଧୂମ୍ରପାନ ନିଷେଧ, ଅପ୍ରାପ୍ତ ବୟସ୍କଙ୍କୁ ତମାଖୁ ବିକ୍ରୟ ନିଷେଧ, ଶିକ୍ଷାନୁଷ୍ଠାନର ୧୦୦ ମିଟର ମଧ୍ୟରେ ତମାଖୁ ବିକ୍ରୟ ନିଷେଧ ଉପରେ ଆଲୋଚନା ହୋଇଥିଲା। ଏଥିସହ ଆଇନ ଅନୁପାଳନ ପ୍ରକ୍ରିୟା, ଜରିମାନା ବ୍ୟବସ୍ଥା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନ ଚାରିପାଖରେ ନିୟମିତ ଯାଞ୍ଚ, ସଂଯୁକ୍ତ ଅଭିଯାନ, ତମାଖୁ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ବିଶେଷ ଫୋକସ କରାଯାଇଥିଲା। ବରିଷ୍ଠ ଅଧିକାରୀ ଆଇନର କଡ଼ାକଡ଼ି ଅନୁପାଳନ ଓ ନିୟମିତ ମନିଟରିଂ ଦ୍ୱାରା ତମାଖୁ ମୁକ୍ତ ପରିବେଶ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ୟାମସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଡିପିଏଚଓ ଗୌରାଙ୍ଗ ଗିରି, ଆସିଷ୍ଟାଣ୍ଟ ମ୍ୟାନେଜର ଏନସିଡି ଶ୍ୟାମସୁନ୍ଦର ବିଶ୍ୱାଳ, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ. ସୁକାନ୍ତ ପ୍ରଧାନ, ଏଡିପିଏଚଓ ଡ. ଶୁଭନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

ଡେରାବିଶ,୨୮।୩(ସମିସ): ଡେରାବିଶ ବ୍ଲକ୍ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ସୋପାନରେ ଏହି ଜନଶୁଣାଣି ଶିବିରରେ ୧।୪।୨୦୨୫ଠାରୁ ୩୦।୧୦।୨୦୨୫ ଅବଧି ପର୍ଯ୍ୟନ୍ତ ହୋଇଥିବା ମନରେଗା ଯୋଜନା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରିଣୀ ସ୍ନିଗ୍ଧା ସୁଚରିତା ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବଧି ମଧ୍ୟରେ ୬୧୯୮ ପରିବାରକୁ ଜବ୍‌କାଡର୍ ପ୍ରଦାନ ସହିତ କାମ ଯୋଗାଇ ଦିଆଯାଇଥିବାବେଳେ ୧୭.୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୧ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଥିବାବେଳେ ୧୫୨୫୦୨ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସମ୍ପର୍କରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରିଣୀ ସ୍ନିଗ୍ଧା ସୂଚନା ଦେଇଥିଲେ। ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ ସାହୁ, ସରୋଜ ଦାସ, ସନ୍ଧ୍ୟାରାଣୀ ପରିଡ଼ା, ସତ୍ୟବାଦୀ ରାଉତ ପ୍ରମୁଖ ଏହି ଜନଶୁଣାଣି ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

## ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସ



ରାଜକନିକା,୨୮।୩(ସମିସ): ପ୍ରାଚୀନ କନିକା ଇଷ୍ଟେଟର ନଦୀଭିତ୍ତିକ ବନ୍ଦର ଭାବେ ଖ୍ୟାତି ଆଣିଥିବା ଚାନ୍ଦବାଲି ବନ୍ଦରର ଆଜି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ୧୮୮୧ ମାର୍ଚ୍ଚ ୨୮ ତାରିଖରେ ଇଂରେଜମାନେ ଚାନ୍ଦବାଲି ନଦୀ ବନ୍ଦରକୁ ସରକାରୀ ସ୍ୱୀକୃତି ଦେଇଥିଲେ। ଉଭୟ ଯାତ୍ରୀ ଓ ମାଲ ପରିବହନ, ବ୍ରିଟିଶ ଉପନିବେଶ କୋଲକାତା ସହିତ ଓଡ଼ିଶାକୁ ଯୋଡିବାରେ ଏହି ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏହି ବନ୍ଦର ନିଜର ପ୍ରତିଷ୍ଠାକୁ ସଠିକ ଢଙ୍ଗରେ ପ୍ରତିପାଦିତ କରିଆସୁଥିବାବେଳେ କେତେକ କାରଣ ପାଇଁ ୧୯୭୨ରେ ଏହା ବନ୍ଦ ହୋଇଯାଇଥିଲା। ତେବେ ନଦୀପଥ ପରିବହନରେ ସବୁଠି ନିଜର ପରିଚୟକୁ ସାବ୍ୟସ୍ତ କରିଆସିଥିବା ଏହି ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସକୁ ଶନିବାର ପୂର୍ବାହ୍ନରେ ମତୋ ପଞ୍ଚାୟତ ସଭାଗୃହରେ ପାଳନ କରାଯାଇଛି। ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କ ଅଧ୍ୟକ୍ଷତା ଓ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ବନ୍ଦରର ପୁନରୁଦ୍ଧାର ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ମୁଖ୍ୟଅତିଥି ଭାବେ ମତୋ +୩ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ ଦାସ ଯୋଗଦେଇ ଅତୀତର ନୌବାଣିଜ୍ୟରେ ଚାନ୍ଦବାଲି ବନ୍ଦରର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ରଣା, ଶ୍ରମିକ ନେତା ବ୍ରହ୍ମାନନ୍ଦ ପରିଡା, ଅବସରପ୍ରାପ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ବେଣୁଧର ନାୟକ, ପ୍ରାକ୍ତନ ଏବିଇଓ ଜୟକୃଷ୍ଣ ନାୟକ, କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସହଆୟୋଜକ ମଙ୍ଗୁଳି ଚରଣ ବେହେରା, ସାମାଜିକ କର୍ମୀ ସୁକାନ୍ତ ଦାଶ ପ୍ରମୁଖ ବନ୍ଦରର ସ୍ମୃତିଚାରଣ କରିବା ସହ ବନ୍ଦର ସମ୍ପର୍କରେ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିବା, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ନବଘନ ସାମଲ, କବି ମନୋଜ ଭଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଜନ ସେଠୀ, ପ୍ରଶାନ୍ତ ପାଣିଗ୍ରାହୀ, ନିମାଇଁ ଦାସ, ପ୍ରଶାନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ପରମେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ମେଳା ପଞ୍ଚମ ସନ୍ଧ୍ୟା

କେନ୍ଦ୍ରାପଡ଼ା,୨୮।୩ (ସମିସ): କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଗ୍ଧମୟ ହୋଇଉଠିଥିଲା। ସଙ୍ଗୀତ ଓ ଫ୍ୟାସନ୍ ଶୋର ଆକର୍ଷଣୀୟ ପ୍ରଦର୍ଶନ ସହ ସମଗ୍ର ପରିବେଶ ଉତ୍ସବମୁଖର କରିଥିଲା। ପ୍ରସିଦ୍ଧ ଗାୟିକା ଦୀପ୍ତିରେଖା ପାଢ଼ୀଙ୍କ ସୁମଧୁର ସଙ୍ଗୀତ ପ୍ରସ୍ତୁତି ଦର୍ଶକଙ୍କ ମନ ମୋହିଥିଲା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ ସହିତ ଶିଶୁ ସୁରକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଉପସ୍ଥିତ ଥିଲେ। ଏଥିସହିତ ଲକ୍ଷପତି ଦିଦି ପ୍ରୟାସ ଅଧୀନରେ ସଫଳତା କାହାଣୀ ଉପସ୍ଥାପିତ ହୋଇଥିଲା। ରାଜକନିକା ବ୍ଲକର ଜୟ ହନୁମାନ ଉତ୍ପାଦକ ଗୋଷ୍ଠୀ ସଦସ୍ୟା ସମ୍ପତି ବେହେରା (ପାଉଁରୁଟି ଓ ବିସ୍କୁଟ ପ୍ରସ୍ତୁତି), ପଟ୍ଟାମୁଣ୍ଡାଇ ବ୍ଲକର ତ୍ରୟମ୍ବକେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ମମତା ନାଥଶର୍ମା (ଖାଦ୍ୟ ପ୍ରକ୍ରିୟାକରଣ) ତାଙ୍କ ଅଭିଜ୍ଞତା ବଖାଣିଥିଲେ।

ମାର୍ଚ୍ଚ ମାସ ବିଲ୍ ପାଇଁ ତତ୍ପର

# ବଗିବନ୍ଧ ପୁନରୁଦ୍ଧାର କାମ ନିମ୍ନମାନର ଅଭିଯୋଗ

ରାଜକନିକା, ୨୮।୩(ସମିସ)

ମାରି ନେବାର ମାସ ହେଉଛି ମାର୍ଚ୍ଚ। ବର୍ଷକର କାମକୁ ପକାଇ ପକାଇ ମାର୍ଚ୍ଚ ମାସ ଆଡ଼କୁ ତରବରିଆ ଭାବେ ଯେନତେନ ପ୍ରକାର କରି ବିଲ୍ ଉଠାଇବାର ପାରମ୍ପରିକ ଧାରା ଏବେ ରାଜକନିକା ଜଳସମ୍ପଦ ଉପଖଣ୍ଡରେ ଦେଖିବାକୁ ମିଳିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି କି ଆଳିର ଅବସ୍ଥାପିତ ଅଧୀକ୍ଷଣ ଯନ୍ତ୍ରୀ କେବେ ବି ଏହି କାମ ଦେଖିବାକୁ ନ ଆସିବା ଏଠାକାର ଜେଇ, ଏସଡିଓଙ୍କୁ ମଉକା ଦେଇଛି। ସ୍ଥିତି ଏମିତି ହୋଇଛି କି କନିକା ଉପଖଣ୍ଡର ସବୁ ରାସ୍ତା, କଲଭର୍ଟ ଆଦି ନିର୍ମାଣ କି ମରାମତି କାମ ଠିକରେ ଚାଲୁଥିବାବେଳେ ଯନ୍ତ୍ରୀ ମଧ୍ୟ ସାଇଟ୍‌କୁ ନ ଯାଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପଠାଇ ତଦାରଖ କରିବା ଫଳରେ ଠିକାଦାର ମନମାନୀ କରି ରାସ୍ତାରେ କମ୍ ପରିମାଣର ମେଟେରିଆଲରେ କାମ ସାରିବାକୁ ଶ୍ରେୟ ଦେଉଛନ୍ତି। ବର୍ଷ ସାରା ବିଭିନ୍ନ ମରାମତିର ଆବଶ୍ୟକତା ଥିବା ରାସ୍ତା କାମ ନ ହୋଇ କ'ଣ ପାଇଁ ମାର୍ଚ୍ଚ ବେଳକୁ ବିଭାଗ ତତ୍ପର ହେଉଛି, ସେ ସମ୍ପର୍କରେ କୌଣସି ସଠିକ ଉତ୍ତର ମଧ୍ୟ ଏହି ଉପଖଣ୍ଡରେ ମିଳେନାହିଁ।

କାମକୁ ପକାଇ ପକାଇ ମାର୍ଚ୍ଚ ଶେଷରେ ଆଜି ବଗିବନ୍ଧ ପିଚୁ କାମ ଆରମ୍ଭକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାରଣ ଆଜି ଓ କାଲି ଦୁଇଦିନ ଛୁଟି ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ପିଚୁ କରାଯାଉଛି। ବଗି ରାସ୍ତା ଆକଳନ ଅନୁସାରେ ହେଉନାହିଁ। ନିୟମ ଓ ଚୁକ୍ତି ଅନୁସାରେ ଏହି ରାସ୍ତା ଦଶ



ଫୁଟ ଚଉଡା ହେବାକୁ ଥିବାବେଳେ ମାତ୍ର ଅଳ୍ପ କେତେକ ସ୍ଥାନରେ ୧୦ ଫୁଟ ଚଉଡ଼ା କରି ସିଂହ ଭାଗ ଅଣଚଉଡ଼ା କରିବା ମଧ୍ୟ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି କରିଛି। ମଧ୍ୟ କନିକାର ଲାଇଫଲାଇନ କୁହାଯାଉଥିବା ଏହି ରାସ୍ତାରେ ଠିକାଦାର ଓ ଯନ୍ତ୍ରୀ ମିଶି ଅତ୍ୟନ୍ତ ବେପରୁଆ ଭାବେ କାମ କରିବା ଦ୍ୱାରା ବିଭାଗର ଅର୍ଥ ବରବାଦ ହେବ ବୋଲି ଲୋକେ ସନ୍ଦେହ କରି ବିରୋଧ କରିଛନ୍ତି। ଆଳି ତଟବନ୍ଧ ବିଭାଜନର ସମସ୍ତ ନିର୍ମାଣ, ପୁନଃନିର୍ମାଣ କାମ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏହି ରାସ୍ତାକୁ ଆରଡି ବିଭାଗକୁ ହସ୍ତାନ୍ତର କରିବାକୁ ନଳିନୀ ପୃଷ୍ଟି, ଲକ୍ଷ୍ମଣ ପୃଷ୍ଟି, କୃତ୍ତିବାସ ନାୟକ, ମାନଗୋବିନ୍ଦ ପୃଷ୍ଟି, ଅନାଦି ସାହୁ, ନେତ୍ରାନନ୍ଦ ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି।

### ଜିଲ୍ଲା ଓକିଲ ସଂଘ ନିର୍ବାଚନ

## ରବୀନ୍ଦ୍ର ସଭାପତି, ସରୋଜ ସମ୍ପାଦକ



ଜଗତସିଂହପୁର,୨୮।୩(ସମିସ): ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଆଜି ଜିଲ୍ଲା ଅଦାଲତ ପରିସରରେ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଓକିଲ ରବୀନ୍ଦ୍ର କୁମାର ସ୍ୱାଇଁ ଏବଂ ସମ୍ପାଦକ ଭାବେ ଯୁବ ଓକିଲ ସରୋଜ କୁମାର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି । ଆଜି ମୋଟ ୩୭୪ ଭୋଟର ମଧ୍ୟରୁ ୩୪୦ ଜଣ ନିଜର ମତଦାନ କରିଥିଲେ । ସଭାପତି ଭାବେ ବିଜୟୀ ହୋଇଥିବା ରବୀନ୍ଦ୍ର ସ୍ୱାଇଁ ୧୭୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସୁବ୍ରତ ଶତପଥୀ ୧୫୭ ଏବଂ ଅନ୍ୟତମ ପ୍ରାର୍ଥୀ ସଲିଲ କୁମାର ଘୋଷ ମାତ୍ର ୭ ଖଣ୍ଡ ଭୋଟ ପାଇଥିଲେ । ସେହିପରି ଉପସଭାପତି ଭାବେ ସୂର୍ଯ୍ୟନାରାୟଣ ଦାସ ୨୦୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଉମାଶଙ୍କର ସ୍ୱାଇଁଙ୍କୁ ୧୨୭ ଖଣ୍ଡ ଭୋଟ ମିଳିଥିଲା । ସମ୍ପାଦକ ଭାବେ ବିଜୟୀ ହୋଇଥିବା ସରୋଜ ବିଶ୍ୱାଳ ୧୭୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ସାରଦା ପ୍ରସାଦ ଦାସ ୧୫୨ ଖଣ୍ଡ ଭୋଟ ପାଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ଜୟଲାଭ କରିଥିବା ଦୁର୍ଯ୍ୟୋଧନ ରାଉତଙ୍କୁ ୨୫୦ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ପ୍ରଭାତ ରଞ୍ଜନ ପଲାଉରଙ୍କୁ ମିଳିଛି ୮୪ ଖଣ୍ଡ ଭୋଟ । ସେହିପରି ପ୍ରକାଶ ଚନ୍ଦ୍ର ରାୟ ୧୬୮ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଗୋପବନ୍ଧୁ ଚୌଧୁରୀ ୧୬୬ ଖଣ୍ଡ ଭୋଟ ପାଇ ମାତ୍ର ୨ଟି ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଦିତ୍ୟ କୁମାର ବେହେରା, ରୋଜାଲୀନ ସାହୁ, ରୋଜାଲୀନ ଲେଙ୍କା, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ ଏବଂ ରାଜଶ୍ରୀ ମହାନ୍ତି ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସେଖ୍ ଖୁର୍ସିଦ ଅଲ୍ଲୀ, ପାର୍ଥ ସାରଥୀ ଦାସ, ଯଦୁମଣି ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ ଏବଂ ତ୍ରିଲୋଚନ ସାହୁ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ ।

### ପାରାଦୀପ ବାର୍ ଆସୋସିଏସନ

## ତପନ ସଭାପତି, ହେମନ୍ତ ସମ୍ପାଦକ



ପାରାଦୀପ,୨୮।୩(ସମିସ): ପାରାଦୀପ ବାର୍ ଆସୋସିଏସନ୍ ନିର୍ବାଚନ ଆଜି ଶେଷ ହେବା ପରେ ଏହାର ଫଳାଫଳ ଘୋଷଣା କରାଯାଇଛି । ଏଥିରେ ସଭାପତି ଭାବେ ତପନ କୁମାର ଦାସ ଓ ସାଧାରଣ ସମ୍ପାଦକ ଭାବେ ହେମନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ନିର୍ବାଚିତ ହୋଇଥିବା ଶ୍ରୀ ଦାସ ପୁନର୍ବାର ସଭାପତି ହୋଇଥିବା ବେଳେ ସେ ଏବେ ଓଡିଶା ହାଇକୋର୍ଟର ଏଜିଏ ଭାବେ ଅବସ୍ଥାପିତ ଅଛନ୍ତି । ଉପସଭାପତି (ପ୍ରଶାସନ) ଭାବେ ବସନ୍ତ ବିଶ୍ୱାଳ, ଉପସଭାପତି (ସଂଗଠନ) ଭାବେ କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ସମ୍ପାଦକ (ପ୍ରଶାସନ) ପ୍ରଶାନ୍ତ କୁମାର ଦାସ, ସମ୍ପାଦକ (ସଂଗଠନ) ରବୀନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ, ପାଠାଗାର ସମ୍ପାଦକ ଭାବେ ଗୋଲକ ବିହାରୀ ସୂତାର ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଦାନନ୍ଦ ମଲ୍ଲିକ, ନନ୍ଦିନୀ ମହାନ୍ତି, ଜଟାଧାରୀ ମଲ୍ଲିକ, ସଂଜୟ କୁମାର ମିଶ୍ର, ରବି ନାରାୟଣ ସ୍ୱାଇଁ ଓ ପ୍ରିୟବ୍ରତ ଲେଙ୍କା ନିର୍ବାଚିତ ହୋଇଛନ୍ତି । ପାରାଦୀପ ବାର୍ ଆସୋସିଏସନର ସମସ୍ତ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅବିନାଶ ଦାସ ସୂଚନା ଦେଇଛନ୍ତି ।

### ତିର୍ତ୍ତୋଲ ଓକିଲ ସଂଘ

## ସରୋଜ ସଭାପତି, ଟୁକନ ସମ୍ପାଦକ





ତିର୍ତ୍ତୋଲ,୨୮।୩(ସମିସ): ତିର୍ତ୍ତୋଲ ଓକିଲ ସଂଘର ନିର୍ବାଚନ ଆଜି ସଙ୍ଘର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଭାବେ ଟୁକନ ଚରଣ ସେଠୀ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଭାବେ ଗୋଲେଖ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ କମିଟିର ସଭ୍ୟ ଭାବେ ଉମେଶ ଚନ୍ଦ୍ର ସାହୁ, ରଶ୍ମିତା ଦାସ, ରିତା ମହାନ୍ତି, ଶୁଭେନ୍ଦୁ ନାରାୟଣ ରାୟ, ତ୍ରିଲୋଚନ ବେହେରା ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ନାରାୟଣ ମହାନ୍ତି ଏ ସମ୍ପର୍କରେ ଘୋଷଣା କରିଛନ୍ତି ।

### କୁଜଙ୍ଗ ଓକିଲ ସଂଘ

## ସଞ୍ଜୟ ସଭାପତି, ରଞ୍ଜିତ ସମ୍ପାଦକ

କୁଜଙ୍ଗ,୨୮।୩(ସମିସ): କୁଜଙ୍ଗ ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ସଞ୍ଜୟ ବେହେରା ଓ ସମ୍ପାଦକ ଭାବେ ରଞ୍ଜିତ ବିଶ୍ୱାଳ ବିଜୟୀ ହୋଇଛନ୍ତି । ସଞ୍ଜୟ ୧୧୬ ଖଣ୍ଡ ଭୋଟ ପାଇଥିବା ବେଳେ



ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ କରୁଣାକର ସାହୁ ମାତ୍ର ୬୧ ଖଣ୍ଡ ଭୋଟ ପାଇଥିଲେ । ସେହିପରି ସମ୍ପାଦକ ନିମନ୍ତେ ରଞ୍ଜିତ ବିଶ୍ୱାଳ ୧୧୪ ଖଣ୍ଡ ଭୋଟ ପାଇଥିବା ବେଳେ ମାତ୍ର ୬୪ ଖଣ୍ଡ ଭୋଟ ପାଇଥିଲେ ତାଙ୍କ ପ୍ରତିଦ୍ୱନ୍ଦୀ କିଶୋର ଶତପଥୀ । ସହ ସମ୍ପାଦକ ଭାବେ ପ୍ରିୟମ୍ବଦା ପାଣି ୧୦୮ ଖଣ୍ଡ ଭୋଟ ପାଇଥିବା ବେଳେ ସେଲିନାମୟୀ ବିଶ୍ୱାଳ ୭୦ ଖଣ୍ଡ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ସତ୍ୟାନନ୍ଦ ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲେ ।

## ଚୋରା ମଦ ଜବତ ସହ ଜଣେ ଗିରଫ

ପାରାଦୀପ, ୨୮।୩ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ବଗଦିଆ ନିକଟ ଡାଳିମ୍ବପୁର ରାସ୍ତା ନିକଟରୁ ଆଜି ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ତା' ନିକଟରୁ ୨୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ । ଅଭିଯୁକ୍ତର ଘର ବଗଦିଆ ଗ୍ରାମରେ ହୋଇଥିବା ବେଳେ ତାର ନାମ ପିକନ ତରାଇ (୪୭) । ସେ ଆଜି ଦିନ ପାଖପାଖି ୧ଟା ହେବ ୫୭ଟି ଆସ୍କା ଫଟି ଓ ୨୪ ବଟଲ ବିଅର ବୋତଲ ନେଇ ଘରୁ ବାହାରି ଡାଳିମ୍ବପୁର ରାସ୍ତାରେ ଯାଉଥିବା ବେଳେ ପୁଲିସ ସନ୍ଦେହରେ ତାକୁ ଅଟକାଇ ତା' ନିକଟରୁ ଏହି ଚୋରା ମଦ ଜବତ କରିଥିଲା ।

## ରାମନବମୀରେ ପ୍ରକମ୍ପିତ ବନ୍ଦରନଗରୀ

ପାରାଦୀପ,୨୮।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ପ୍ରକମ୍ପିତ ହୋଇଛି ବନ୍ଦରନଗରୀ ପାରାଦୀ । ପାରାଦୀପର ବିଭିନ୍ନ ଦେବାଳୟ ସହିତ ବିଭିନ୍ନ ସ୍ଥାନରେ ହୋମଯଜ୍ଞ, ଭଜନ କୀର୍ତ୍ତନ, ଶୋଭାଯାତ୍ରା ସହିତ ଜୟ ଶ୍ରୀରାମ ନାରାରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ । ପାରାଦୀପରେ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ସନାତନୀ ଶୋଭାଯାତ୍ରା ଆୟୋଜନ କରାଯାଇଥିବା ବେଳେ ଷଣ୍ଢକୁଦ ଠାରେ ଜୟ ବଜରଙ୍ଗବାଲି ପୂଜା କମିଟି ତରଫରୁ ବିଶାଳ ଶୋଭାଯାତ୍ରା ରେ ଯୁବକ ଠାରୁ ବୟସ୍କ ପର୍ଯ୍ୟନ୍ତ ସାମିଲ ହୋଇଛନ୍ତି । ଷଣ୍ଢକୁଦ ପ୍ରବେଶ ପଥରେ ରହିଥିବା ବଜରଙ୍ଗବାଲିଙ୍କ ପୂଜାସ୍ଥଳୀ ନିକଟରେ ସମସ୍ତ ରାମଭକ୍ତ ସାମିଲ ହୋଇଜ ଏକ ବିରାଟ ଶୋଭାଯାତ୍ରାରେ ଡିଙ୍କିଆ ଚାରିଦେଶ ଦେଇ ନୂଆଗାଁ ଠାରେ ରହିଥିବା ମହାବୀର ଆଶ୍ରମ ଅଭିମୁଖେ ଯାତ୍ରା କରିଥିଲେ ।

### କାର୍ ଧକ୍କାରେ ଛାତ୍ରୀ ମୃତ ଘଟଣା

# ନ୍ୟାୟ ଦାବିରେ କଲେଜ ଛାତ୍ରୀଙ୍କ ରାସ୍ତା ଅବରୋଧ



ଜଗତସିଂହପୁର,୨୮।୩(ସମିସ)

ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟସ୍ଥ ଖେରସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗତ ୨୫ ତାରିଖ ଅପରାହ୍ନରେ କାର୍ ଧକ୍କାରେ ଛାତ୍ରୀ ମୃତ୍ୟୁ ଘଟଣାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ କଲେଜ ଛାତ୍ରୀମାନେ ଢିଅସାହି ନିକଟରେ ଆଜି ପ୍ରାୟ ୨ ଘଣ୍ଟା ଧରି ରାସ୍ତା ଉପରେ ଧାରଣା ଦେଇଥିଲେ । ଖବର ପାଇ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେ ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧରୁ ଛାତ୍ରୀମାନେ ଓହରି ଯାଇଥିଲେ ।

ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖର ଅପରାହ୍ନରେ ଏକ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳସୁଧା ଗ୍ରାମର ତୃପ୍ତିମୟୀ ସାହୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ତୃପ୍ତିମୟୀ କାଦୁଅପଡା ସ୍ଥିତ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ବିଭାଗରେ ଶେଷ ବର୍ଷର ଛାତ୍ରୀ ଥିଲେ । ତୃପ୍ତିମୟୀ କଲେଜରୁ ସାଇକଲରେ ଘରକୁ ଫେରୁଥିବା ବେଳେ କୌଣସି କାମ ପାଇଁ ଖେରସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ରହିଥିଲେ । ସେ ସାଇକଲ ଧରି ଠିଆ ହୋଇଥିବା ସମୟରେ ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ପ୍ରାୟ ୪୦ ମିନିଟ ଧରି ରାସ୍ତା ଅବରୋଧ ଭଳି ପରିସ୍ଥିତି ଉପୁଜିଥିଲା । ପରେ ସାନବଜାର ବିଜୁ ପଟ୍ଟନାୟକ ଛକରେ ତୃପ୍ତିମୟୀଙ୍କ ଶବ ରଖି ରାସ୍ତାରୋକ ପାଇଁ ଉଦ୍ୟମ ଚାଲିଥିବା ବେଳେ ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଦାବି ପୂରଣର ପ୍ରତିଶ୍ରୁତି ଦେବାରୁ ଉତ୍ତ୍ୟକ୍ତ ଲୋକମାନେ ବୁଝି ଯାଇଥିଲେ । ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିଚାଳକ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ତାରପୁର ଧାନମଣ୍ଡିରେ ଚାଷୀଙ୍କ ଧାରଣା



ରଘୁନାଥପୁର,୨୮।୩(ସମିସ): ରଘୁନାଥପୁର ବ୍ଲକ ତାରପୁର ମା' ନାରାୟଣୀ ସେବା ସମବାୟ ସମିତି ଧାନ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଉଠିପାରୁନି ଚାଷୀଙ୍କ ଧାନ । ପ୍ରତିବାଦ ସ୍ୱରୂପ ଚାଷୀମାନେ ମଣ୍ଡିରେ ପୂର୍ବାହ୍ନ ୧୦ଟାରୁ ଧାରଣା ଦେଇଥିଲେ । ଧାରଣାସ୍ଥଳକୁ କୌଣସି ଅଧିକାରୀ ନ ଆସିବା ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢିଥିଲା । ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରୟ ଟୁଡୁ ଫୋନ ଯୋଗେ ଆସନ୍ତା ସୋମବାର ମଣ୍ଡିକୁ ଟାର୍ଗେଟ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ ଟାରେ ଚାଷୀମାନେ ଧାରଣା ସ୍ଥଗିତ ରଖିଥିଲେ । ମାର୍ଚ୍ଚ ମାସ ଶେଷ ହେଉଥିବାରୁ ପ୍ରତିଶ୍ରୁତି ମୁତାବକ ଟାର୍ଗେଟ ଦିଆନଗଲେ ଚାଷୀମାନେ କଟକ ପାରାଦୀପ ରାସ୍ତା ଅବରୋଧ କରିବେ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଚାଷୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ସୂଚନାଯୋଗ୍ୟ କି ମଣ୍ଡିରେ ୩୦ ଜଣ ଚାଷୀଙ୍କ ୯୨୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ବାକିରହିଛି । ଏ ସମ୍ପର୍କରେ ଚାଷୀମାନେ ଗତ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ବାକିଥିବା ଚାଷୀଙ୍କ ଧାନ କ୍ରୟ କରାନଗଲେ ଚାଷୀମାନେ ବାଧ ହୋଇ ରାଜରାସ୍ତାକୁ ଆସିବେ ବୋଲି ଲିଖିତ ଦର୍ଶାଇଥିଲେ । ତେବେ ୩/୪ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା । କୌଣସି ସୁଫଳ ନମିଳିବାରୁ ଚାଷୀମାନେ ଧାରଣା ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି । ଏଥିରେ ଅନ୍ତର୍ଯ୍ୟାମୀ ରାଉତ, ବିନୋଦ ବିହାରୀ ମହାନ୍ତି, ତ୍ରିଲୋଚନ ନାୟକ, ବିଭୂତି ଭୂଷଣ ଦାସ, ସୁରେନ୍ଦ୍ର ମହାନ୍ତି, ବିପିନ କୁମାର ସିଂହ, ଦେବେନ୍ଦ୍ର ବରାଳ, ବସନ୍ତ କୁମାର ନାୟକ, ଅଜୟ ବେହେରା, ଜଗତ ବଲ୍ଲଭ ମହାନ୍ତି, ବ୍ରଜକିଶୋର ବରାଳ, ବିଜୟ କୁମାର ଦାଶ, ହରିରାମ ସାହୁଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଅଭିଯୁକ୍ତକୁ ମାଡ଼

ତିର୍ତ୍ତୋଲ,୨୮।୩(ସମିସ): ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ଥାନା ଅଧୀନ କୃଷ୍ଣାନନ୍ଦପୁର ପଞ୍ଚାୟତ ମାନୁମହଲା ବସ୍ତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସୂଚନା ମୁତାବକ ନାବାଳିକା ଜଣକ ମାମୁ ଘର ମାନୁମହଲାକୁ ଆସିଥିବାବେଳେ ଅହମ୍ମଦ ହୁସେନ ନାମକ ସମ୍ପର୍କୀୟ ମାମୁଁ ଜଣଙ୍କ ଗତକାଲି ରାତିରେ ଦୁଷ୍କର୍ମ କରିଥିଲେ । ସ୍ଥାନୀୟ ଲୋକେ ଏ ବିଷୟରେ ଜାଣିବା ପରେ ଏକାଠି ହୋଇ ଅଭିଯୁକ୍ତକୁ ନିର୍ଦ୍ଦୁମ ମାଡ ମାରିଥିଲେ । କୃଷ୍ଣାନନ୍ଦପୁର ପୁଲିସ ପହଞ୍ଚି ଅଭିଯୁକ୍ତକୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ପରିବାର ଲୋକ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ କୃଷ୍ଣାନନ୍ଦପୁର ପୁଲିସ କେଶ ନମ୍ବର ୩୦/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ଦୁର୍ଘଟଣା ଘଟାଇଥିବା ହାଇୱା ଜବତ; ଜଣେ ମୃତ

ପାରାଦୀପ, ୨୮।୩ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ସମ୍ମୁଖରେ ଗତକାଲି ରାତିରେ ଦୁର୍ଘଟଣା ଘଟାଇ ଫେରାର ଥିବା ହାଇୱାକୁ ପୁଲିସ ଆଜି କେନ୍ଦ୍ରାପଡାରୁ ଉଦ୍ଧାର କରିଛି । ଦୁର୍ଘଟଣାରେ ତିନି ବାଇକ ଆରୋହୀଙ୍କ ମଧ୍ୟରୁ ଡିଙ୍କିଆ ଗ୍ରାମର ବାବନ ସାମଲ (୫୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଭିଣେଇ ଓ ପୁତୁରା ଅଳ୍ପକେ ମୃତ୍ୟୁମୁଖରୁ ବର୍ଞ୍ଚି ଯାଇଛନ୍ତି । ହାଇୱାଟି ସେହି ବାଟ ଦେଇ ଫେରୁଥିବା ବେଳେ ଏକ ବାଇକରେ ଆସୁଥିବା ତିନି ଜଣ ଲୋକଙ୍କୁ ଓଭରଟେକ କରି ପଛ ପଟୁ ପିଟି ପଳାଇଥିଲା । ସନ୍ଧ୍ୟା ସମୟ ହୋଇଥିବାରୁ ରାସ୍ତାରେ କେହି ନଥିବାର ସୁଯୋଗ ନେଇ ଗାଡିଟି କେନ୍ଦ୍ରାପଡା ଅଭିମୁଖେ ପଳାଇ ଥିଲା । ଡ୍ରାଇଭର ଗାଡି ଛାଡି କେଉଁଆଡେ ଫେରାର ହୋଇଯାଇଛି । ଗାଡିକୁ ଥାନାକୁ ଅଣାଯିବା ସହିତ ଆସନ୍ତାକାଲି ଡ୍ରାଇଭରକୁ ଥାନାରେ ହାଜର କରାଯିବା ନେଇ ହାଇୱା ମାଲିକ ପୁଲିସକୁ କହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି । ଗାଡିଟି ଯାଜପୁର ଅଞ୍ଚଳର ହୋଇଥିବା ବେଳେ ଭୁତମୁଣ୍ଡାଇର ଜଣେ ବ୍ୟକ୍ତିଙ୍କୁ ସେ ଲିଜ୍ ସୂତ୍ରରେ ଦେଇଥିଲେ ବୋଲି ପୁଲିସ ଠାରୁ ସୂଚନା ମିଳିଛି ।

## ଚକ୍ଷୁ ପରୀକ୍ଷା ଶିବିର

ଜଗତସିଂହପୁର,୨୮।୩(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ଜଗତସିଂହପୁର ବସଷ୍ଟାଣ୍ଡ ଠାରେ ଭାରି ଯାନ ଚାଳକ ମାନଙ୍କ ପାଇଁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜଗତସିଂହପୁର ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ୩୩ ଜଣ ଭାରୀଯାନ ଚାଳକଙ୍କର ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏଥିରେ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ, ଜଗତସିଂହପୁର ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିରକୁ ଶୃଙ୍ଖଳିତ ସହ



ପରିଚାଳନା କରିଥିଲେ । ପରେ ପରେ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ ସହ ୫୨ଟି ଅମାନିଆ ଗାଡ଼ି ଚାଳକଙ୍କଙ୍କ ଚାଲାଣ କଟିଥିଲା ।

## କାଳବୈଶାଖୀରେ ସ୍କୁଲ୍ ଆଜବେଷ୍ଟସ୍ ଉଡ଼ିଗଲା



କୁଜଙ୍ଗ,୨୮।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ଅଧୀନ ବଡଲାଙ୍ଗ ସ୍ଥିତ ସୁରବାଳା ହାଇସ୍କୁଲ୍ କେତେକ ଶ୍ରେଣୀଗୃହ ଶୁକ୍ରବାର ରାତିରେ ହୋଇ ଥିବା କାଳବୈଶାଖୀ ବର୍ଷା ଓ ପବନରେ ବହୁଳ ଭାବରେ କ୍ଷତି ହୋଇଛି । ୧୭୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପଢୁଥିବା ତିନି ଶ୍ରେଣୀ ବିଶିଷ୍ଟ ଏହି ହାଇସ୍କୁଲ୍ ଶ୍ରେଣୀ ଗୃହ ନିର୍ମାଣ ପ୍ରାୟ ୩୮ ବର୍ଷ ତଳେ ତିଆରି ହୋଇଥିଲା । ଗତ ୧୯୯୯ ମହାବାତ୍ୟାରେ ପୁନଃ ନିର୍ମାଣ ଓ ହୁଡହୁଡ଼ରେ ପୁଣି କ୍ଷତି ହୋଇ ଥିବା ବେଳେ ତାହାକୁ ମରାମତି କରାଯାଇ ଶ୍ରେଣୀଗୃହ ରୂପେ ବ୍ୟବହାର କରାଯାଉଥିଲା । ଯଦିଓ ଦୁଇଟି ସ୍ମାର୍ଟ ଗୃହ ନିର୍ମାଣ ହୋଇଛି ଓ ଆଉ ଦୁଇଟି ନିର୍ମାଣ ଶେଷ ପର୍ଯ୍ୟାୟରେ ତେବେ ଏହି ଶ୍ରେଣୀ ଗୃହ ହଠାତ୍ କାଳବୈଶାଖୀରେ ଭାଙ୍ଗି ଯିବା ଦ୍ୱାରା କେତେକ ଡେସ୍କ ବେଞ୍ଚ ଆସବାବପତ୍ର ନଷ୍ଟ ହୋଇଯାଇଛି ବୋଲି ସ୍କୁଲ୍ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ରାଉତ, ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ନାୟକ, କମିଟି ସଦସ୍ୟ ଶିକ୍ଷାବିତ ପ୍ରମୋଦ କୁମାର ମହାନ୍ତି, ବାବାଜୀ ଚରଣ ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି । ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ସହ ନିର୍ମାଣ ଚାଲିଥିବା ଗୃହକୁ ତୁରନ୍ତ ସାରିବାକୁ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ମହଲରେ ଦାବି ହୋଇଛି । ସ୍କୁଲ୍ ରେ ବହୁ ବୃକ୍ଷରାଜି ଥିବାରୁ ତାହା ଉପୁଡ଼ି ପଡ଼ିବା ସହ ସମ୍ମୁଖ ପାଚେରୀ ମଧ୍ୟ କ୍ଷତିହୋଇଛି ।

### ପାରାଦୀପ କ୍ରିକେଟ ଲିଗ୍ ଉଦ୍‌ଘାଟିତ

## ଶ୍ରୀରାମ ସ୍ପୋର୍ଟିଂ ବିଜୟୀ

ପାରାଦୀପ,୨୮।୩(ସମିସ)



ଆଇପିଏଲ ଭଳି ପାରାଦୀପରେ ଆରମ୍ଭ ହୋଇଛି ଫଟାଫଟ କ୍ରିକେଟର ମହାସମର ପିସିଏଲ୍ କ୍ରିକେଟ୍ ଲିଗ ଟୁର୍ଣ୍ଣାମେଣ୍ଟ । ପୂର୍ବରୁ ନିଲାମ ପ୍ରକ୍ରିୟା ସାରିଥିବା ବେଳେ ଆଜି ସକାଳୁ ସମସ୍ତ ଟିମ୍‌ର ଖେଳାଳି ଓ ସମର୍ଥକ ମାନେ ପାରାଦୀପ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସାରି ଏକ ବିଶାଳ ଶୋଭାଯାତ୍ରାରେ ପାରାଦୀପ ପରିକ୍ରମା କରିବା ପରେ ମଧୁବନ ଏନ୍‌ଏସି କ୍ରିକେଟ ଗ୍ରାଉଣ୍ଡରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପିସିଏଲ୍ ପତାକା ଉତ୍ତୋଳନ କରାଯିବା ସହତ ଉଦଘାଟନୀ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚରେ ଡିକେଟି ଷ୍ଟାର୍ସ ଓ ଶ୍ରୀରାମ ସ୍ପୋର୍ଟିଂ ଟିମ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଲା । ଟସ୍ ଜିତି ଶ୍ରୀରାମ ସ୍ପୋର୍ଟିଂ ପ୍ରଥମେ ବୋଲିଂର ନିଷ୍ପତି ନେଇଥିଲା । ପ୍ରଥମେ ଡିକେଟି ଷ୍ଟାର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୩ ରନ୍ ସଂଗ୍ରହ କରିଥିଲା । ଦଳର ପ୍ରମୁଖ ବ୍ୟାଟ୍ସମ୍ୟାନ୍ ଶାଶ୍ୱତ ମହାନ୍ତି ଦ୍ରୁତ ଓ ଆକର୍ଷଣୀୟ ଖେଳ ଦେଖାଇ ୩୫ ରନ୍ କରିଥିଲେ । ୪ ଓଭର ବୋଲିଂ କରି ୨୧ ରନ ଦେଇ ୩ ୱିକେଟ ନେଇଥିଲେ । ଜବାବରେ ଶ୍ରୀରାମ ସ୍ପୋର୍ଟିଂ ଦଳ ଲକ୍ଷ୍ୟ ପିଛା କରି ୧୯.୧ ଓଭରରେ ୧୧୯ ରନ କରି ବିଜୟ ଲାଭ କରିଥିଲା । ଶ୍ରୀରାମ ସ୍ପୋର୍ଟିଂର ଅଧିନାୟକ ଅମିତ କୁମାର ସାହୁ ୩୨ ବଲରେ ୩୫ ରନ ସଂଗ୍ରହ କରିଥିଲେ । ଉଦଘାଟନୀ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ କୁମାର ବାରିକ (୧୭ ବଲରୁ ୧୨ ରନ ଏବଂ ୪ ଓଭର ବୋଲିଂ କରି ୨୪ ରନ ବ୍ୟୟ କରି ୩ଟି ୱିକେଟ)ଙ୍କୁ ଚୟନ କରାଯାଇଥିଲା । ମ୍ୟାଚକୁ ପରିଚାଳନା କରିଥିଲେ ରବୀନ୍ଦ୍ର ରାଉତ ଏବଂ ଦେବେନ୍ଦ୍ର ନାୟକ । ପିସିଏଲ୍ ଚତୁର୍ଥ ସଂସ୍କରଣର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦରର ମୁଖ୍ୟ ଯନ୍ତ୍ରୀ ସୁଶୀଲ ଚନ୍ଦ୍ର ନାହାକ, ମେରାଇନ ପରାମର୍ଶଦାତା ତଥା ଗଲ୍ଫ କୋର୍ସର ବରିଷ୍ଠ ଖେଳାଳି ବବଲୁ ସିକଦର ଓ ଏସି କମରସିଆଲର ମୁଖ୍ୟ ଅକ୍ଷୟ ଚନ୍ଦ୍ର ସୁତାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚ ୨୮ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏଥିରେ ୮ ଟି ଟିମ ଭାଗ ନେଇଛନ୍ତି । ସେମାନେ ହେଲେ- ଶ୍ରୀରାମ ସ୍ପୋର୍ଟିଂ, ଡିକେଟି ଷ୍ଟାର, ବାବାସାଇ ଡାଇମଣ୍ଡିଆନସ, ଜେସିସି ୱାରିୟର୍ସ, ମାହାକାଲ ୱାରିୟର୍ସ, ପାରାଦୀପ ସୁପରକିଙ୍ଗସ, ଜିଡିସି ବ୍ଲାଷ୍ଟର୍ସ ଓ ଜିପିସିଆଇ ହିରୋସ ।

## ସାଇଧାମ ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨୮ ।୩(ସମିସ): ସ୍ଥାନୀୟ ମୀନା ବଜାର କୁମ୍ଭାରସାହିସ୍ଥିତ ଶ୍ରୀ ଶ୍ରୀ ସାଇଧାମ ମନ୍ଦିରର ୧୪ତମ ବାର୍ଷିକୋତ୍ସବ ପାଳନ କରାଯାଇଛି । ପ୍ରାତଃରୁ ଭାଗୀରଥି ସାଗର କୂଳରେ ପୂଜାର୍ଚ୍ଚନା କରାଯାଇ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଧାରଣ କରି ମନ୍ଦିରରେ ସ୍ଥାପନ କରିଥିଲେ । ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ସାଇବାବାଙ୍କ ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ଅପରାହ୍ନରେ ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ପୂଜକ ରୋହିତ ପତି, କର୍ତ୍ତା ମୁରଲୀଧର ସାହୁ ଓ ମମତା ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସଭାପତି ସୋମନାଥ ବେହେରା, ସମ୍ପାଦକ ଜ୍ୟୋତିର୍ମୟୀ ପଣ୍ଡା, ଦିଲୀପ କୁମାର ବେହେରା, ମାମୁନୀ ସେଠୀ, ରବୀନ୍ଦ୍ର ସେଠୀ, ବୁଦ୍ଧିଆ ବେହେରା, ରାଜୁ ମହାରଣା, ବବିତା ବେହେରା, ରାମଚନ୍ଦ୍ର ପଣ୍ଡା, ସୁପିତ ଘୋଷ, ବସନ୍ତ କୁମାର ସ୍ୱାଇଁ, ଦିଲୀପ କୁମାର ସେଠୀ, ଝରଣା ସେଠୀ, ଶିବଜ୍ୟୋତି କୁଣ୍ଡୁ ଓ ଜୟନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବାସନ୍ତିକ ନବରାତ୍ର ପୂଜା ସମ୍ପନ୍ନ



ଢେଙ୍କାନାଳ,୨୮ ।୩(ସମିସ): କୈବଲ୍ୟ ବଜାର ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ନବରାତ୍ର ମହୋତ୍ସବ ପରମ ପୂଜ୍ୟ ଗୁରୁଦେବ ଯୁଗଦ୍ରଷ୍ଟା, ତପୋନିଷ୍ଠ, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ସୂକ୍ଷ୍ମ ସଂରକ୍ଷଣରେ ସମ୍ପନ୍ନ ହୋଇଛି । ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହୋଇଥିବାବେଳେ ଗତ ୧୯ ତାରିଖ ଗୁରୁବାର ସଙ୍କଳ୍ପ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର କୁମାରୀ ପୂଜା ଓ ଯଜ୍ଞ ସହ ପୂର୍ଣ୍ଣାହୁତି ଏବଂ ୪୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା । ଆଖପାଖ ଅଞ୍ଚଳର ବହୁ ଭକ୍ତ ଯୋଗଦେଇଥିଲେ ।

## ସାଇ ସାଗର ଧାମର ଚତୁର୍ଥ ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୮ ।୩(ସମିସ): ସ୍ଥାନୀୟ ଆନନ୍ଦ ବଜାର ହୀରା ସଗର କୂଳରେ ଥିବା ସାଇସାଗର ଧାମର ଚତୁର୍ଥ ବାର୍ଷିକ ଉତ୍ସବ ପବିତ୍ର ରାମନବମୀରେ ପାଳନ ହୋଇଛି ।



ପ୍ରାତଃରୁ କାକ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ଫୁଲ ହାରରେ ସୁସଜ୍ଜିତ କରାଯାଇ ଭୋଗ ଲାଗି କରାଯାଇଥିଲା । ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପାଲିଙ୍କି ଶୋଭାଯାତ୍ରା ସହ ଭଜନ ସମାରୋହ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ପୂଜକ ଅଜୟ କୁମାର ନନ୍ଦ, ମନ୍ଦିର ପୂଜକ ବିରଞ୍ଚି ନାରାୟଣ ନନ୍ଦ, କର୍ତ୍ତା ଗୋପାଳ ପାତ୍ର, ନିରେସା ପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ଭଞ୍ଜ, ମାୟାଧର ସାହୁ, ଆଇଏସ ଶିବ ଅର୍ପଣମ୍, ମନିଷ ସାହୁ, ବିପିନ ସେଠୀ, ସାଇ ପ୍ରକାଶ ଦାସ, ଜିତେନ୍ଦ୍ର ସାହୁ, ସୁଧାକର ସାହୁ, ସରୋଜ କୁମାର ପ୍ରଧାନ, ଗିରିଆ ସେଠୀ ଓ ଗୋବିନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ବାରୁଆଁ ବି ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନ,୨୮ ।୩(ସମିସ): ବାରୁଆଁ ବି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାରୁଆଁ ବି ସରପଞ୍ଚ ବୀଣାପାଣି ସାହୁ ମୁଖ୍ୟଅତିଥି, ଏବିଇଓ ଦୁଷ୍ମନ୍ତ ମିଶ୍ର ମୁଖ୍ୟବକ୍ତା ଓ ଏବିଇଓ



ରାଜଲକ୍ଷ୍ମୀ ଟୁଡୁ, ସୁମତି ପ୍ରଧାନ, ଶିକ୍ଷୟିତ୍ରୀ ଲୀଳାବତୀ କର, ଅବସରପ୍ରାପ୍ତ ଶିକ୍ଷକ ଦୁଃଶାସନ ପରିଡ଼ା, ଗ୍ରାମ ସଭାପତି ପ୍ରମୋଦ ପରିଡ଼ା, ଏସଏମସି ଉପ ସଭାପତି ଶ୍ରୀକାନ୍ତ ଦାସ ସମ୍ମାନିତ ଅତିଥି ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆଦର୍ଶ ଶିକ୍ଷକ ବସନ୍ତ ଦାସ ଯୋଗଦେଇଥିଲେ । କୃତୀ ଛାତ୍ରୀ ଅନ୍ୱେଷା ଦାସ ଓ ସୁଚିସ୍ମିତା ଆଚାର୍ଯ୍ୟଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଉତ୍କଳମଣି ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ।

## ସିନର୍ଜୀ ପରିସରରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ

# ବିଟେକ୍-ବିଏସ୍‌ସି ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ଫୁଟିଲା ଗୁଳି

ଢେଙ୍କାନାଳ,୨୮ ।୩(ସମିସ)



ସ୍ଥାନୀୟ କଣ୍ଟାନାଳୀ ବାଇପାସସ୍ଥିତ ସିନର୍ଜୀ ବୈଷୟିକ ମହାବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ମହାବିଦ୍ୟାଳୟର ଦୁଇ ଗୋଷ୍ଠୀ ଗଣ୍ଡଗୋଳ ମଧ୍ୟରେ ଗୋଟିଏ ଗୋଷ୍ଠୀ କାମାକ୍ଷାନଗର ଆଲୁତୁମାରୁ ଭଡ଼ାଟିଆ ଗୁଣ୍ଡାଙ୍କ ସହାୟତାରେ କ୍ୟାମ୍ପସରେ ଗୁଳିକାଣ୍ଡ କରିବା ସହ ଜଣେ ଛାତ୍ରଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଟାଉନ ଥାନା ଗୋପବନ୍ଧୁ ବଜାରର ବାବୁଲା ମଲ୍ଲିକଙ୍କ ପୁଅ ଝାଡ଼େଶ୍ୱର ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ସେ ତୃତୀୟ ବର୍ଷର ଛାତ୍ର ଭାବେ ଶିକ୍ଷାଲାଭ କରୁଥିବା ବେଳେ ଶନିବାର ନିଜ ସ୍କଲାରସିପ ପାଇଁ କଲେଜ ଯାଇଥିଲେ । ସାଙ୍ଗସାଥୀଙ୍କ ସହ ସେ କ୍ୟାଣ୍ଟିନ ନିକଟରେ ଥିବାବେଳେ ବିଏସସି ଶେଷ ବର୍ଷ ଛାତ୍ର ଲିଟନଙ୍କ ସହ ଅନ୍ୟ ଦୁଇ ଛାତ୍ର ତାଙ୍କୁ ଗାଳିଗୁଲଜ କରିଥିଲେ । ଏ ନେଇ ଯୁକ୍ତିତର୍କ ଏବଂ ଗଣ୍ଡଗୋଳ ଘଟିଥିଲା । ଏହି ସମୟରେ ଲିଟନଙ୍କ ସହ ଆସିଥିବା ଦୁଇ ଅଣଛାତ୍ରଙ୍କ ମଧ୍ୟରୁ ଜଣେ ନିଜ ପାଖରେ ଥିବା ବନ୍ଧୁକ ବାହାର କରି ଫାୟାରିଂ କରିଥିଲେ । ଫଳରେ ସମସ୍ତ ଛାତ୍ର ସେଠାରୁ ପଳାଇ ଯାଇଥିଲେ । ଝାଡ଼େଶ୍ୱର ଏକା ରହିଯିବାରୁ ତାଙ୍କୁ ଭୁଜାଲି, ଫାଇବର ଷ୍ଟିକ ସାହାଯ୍ୟରେ ମାଡ଼ ମାରି ଲହୁଲୁହାଣ କରିଥିଲେ । ଆକ୍ରମଣରେ ତାଙ୍କ ଆଖି, ମଥା, କାନମୂଳ, ବେକରେ ଆଘାତ ଲାଗିଥିବା ସେ ଅଭିଯୋଗ କରିଛନ୍ତି । ସେଠାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନିଜ ଚିକିତ୍ସା କରିବା ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ଦୁଇ




ଅଣଛାତ୍ର ମୁହଁରେ ଗାମୁଛା ବାନ୍ଧି କ୍ୟାଣ୍ଟିନ ପାଶ୍ୱର୍ରୁ ପ୍ରବେଶ କରିବା ସହ ଲିଟନ ନାମକ ଜଣେ ଛାତ୍ରଙ୍କ ବିଷୟରେ ପଚାରିଥିଲେ । ଘଟଣାକୁ ନେଇ ଅଧ୍ୟକ୍ଷ ମାତୃପ୍ରସାଦ ଦାସ କହିଛନ୍ତି ଯେ କ୍ୟାମ୍ପସରେ ସେମିତି କିଛି ଫାୟାରିଂ ହୋଇନାହିଁ କିମ୍ବା ଅଣଛାତ୍ର ପ୍ରବେଶ କରିନାହାନ୍ତି । ବିଏସସି ଶେଷବର୍ଷ ଏବଂ ବିଟେକ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ପ୍ରଶାସନିକ ଅଧିକାରୀ ଇତିଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ ସେଭଳି କିଛି ଘଟଣା ଘଟିନାହିଁ । ଆମେ ତଦନ୍ତ କରୁଛୁ, ଡିସି କମିଟି ବସିବା ପରେ ଦୁଇ ଛାତ୍ରଗୋଷ୍ଠୀଙ୍କୁ ଡାକି ସମାଧାନ କରାଯିବ । କଲେଜ ପରିସରକୁ ଅଣଛାତ୍ର ପ୍ରବେଶ କରି ନ ଥିବା ସେ କହିଛନ୍ତି । ପୁଲିସ ଏ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି । ଘଟଣାକୁ ନେଇ କଲେଜ ପରିସରରେ ଅଶାନ୍ତି ଲାଗିରହିଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏହାକୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା ଚଳାଇଛନ୍ତି । ପ୍ରେମ ସମ୍ପର୍କକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଏହି ତିକ୍ତତା ଦେଖାଦେଇଥିବା ଜଣାପଡ଼ିଛି । ଏ ନେଇ ଥାନାରେ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି ।

## ହିନ୍ଦୋଳ ଓକିଲ ସଂଘ ନିର୍ବାଚନ
## ସୁଶୀଲ ସଭାପତି, ପ୍ରକାଶ ସମ୍ପାଦକ





ହିନ୍ଦୋଳ,୨୮ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ବାର ଆସୋସିଏସନର ନିର୍ବାଚନରେ ପୂର୍ବତନ ସଭାପତି ସୁଶୀଲ ଗଡନାୟକ ଓ ସମ୍ପାଦକ ପ୍ରକାଶ ନାୟକ ବିଜୟ ହୋଇଥିବା ଦେଖିବାକୁ ମିଳିଛି । ହିନ୍ଦୋଳ ବାର ଆସୋସିଏସନ ପାଇଁ ସଭାପତି ଥିବା ସୁଶୀଲ ଗଡନାୟକ ଓ ସମ୍ପାଦକ ପ୍ରକାଶ ନାୟକ ପୁନର୍ବାର ପଦବୀପାଇଁ ନିର୍ବାଚନ ଅଧିକାରୀ ନିଯୁକ୍ତ ଆଦିକନ୍ଦ ପାଳଙ୍କ ନିକଟରେ ନାମାଙ୍କନ ଭରିଥିଲେ । ତେବେ ସୁଶୀଲ ଗଡନାୟକ ୧୫ଟି ଭୋଟ ପାଇଥିବାବେଳେ ବିପକ୍ଷରେ ଥିବା ଦୀପ୍ତିକାନ୍ତ ପ୍ରଧାନ ମଧ୍ୟ ୧୫ଭୋଟ ପାଇବାରୁ ଧର୍ମଗୁଳା ପଡିଥିଲା ଏବଂ ଏଥିରେ ସୁଶୀଲ ଗଡନାୟକ ବିଜୟୀ ହୋଇ ସଭାପତି ଘୋଷିତ ହୋଇଥିଲେ । ସେହିପରି ସମ୍ପାଦକ ପାଇଁ ପ୍ରକାଶ ନାୟକ ୨୦ଟି ଭୋଟପାଇ ବିଜୟୀ ଘୋଷିତ ହୋଇଥିବାବେଳେ ବିପକ୍ଷରେ ୧୦ଭୋଟ ଯାଇଥିଲା । ସେହିପରି ଉପସଭାପତି ଭାବେ ଦେବାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ ଭାବେ ଦିଲୀପ ଦାସ, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ମିଶ୍ର ବିନା ପ୍ରତିଦ୍ୱନ୍ଦ୍ୱୀତା ନିର୍ବାଚିତ ହୋଇଥିଲେ । ସୁଶୀଲ, ପ୍ରକାଶଙ୍କ ବିଜୟରେ ଉପଖଣ୍ଡରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ପୂର୍ବତନ ସାଂସଦ ମହେଶ ସାହୁ, ବ୍ଲକ ବିଜେଡି ସଭାପତି ଦେବି ପ୍ରସାଦ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ବିଜେଡି ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ବରିଷ୍ଠ ଆଇନଜୀବୀ, ସାମ୍ବାଦିକ ଓ ଜନସାଧାରଣ ବିଜୟୀ କାର୍ଯ୍ୟକର୍ତ୍ତାମାନଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ।

## କାମାକ୍ଷାନଗର ଓକିଲ ସଙ୍ଘ ନିର୍ବାଚନ
## ରଞ୍ଜନ ସଭାପତି, ପ୍ରଶାନ୍ତ ସମ୍ପାଦକ



କାମାକ୍ଷାନଗର,୨୮ ।୩(ସମିସ): କାମାକ୍ଷାନଗର ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇଛି । ସଭାପତି ଭାବେ ରଞ୍ଜନ କୁମାର ରାଉତ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଣି ନିର୍ବାଚିତ ହୋଇଛନ୍ତି । ରଞ୍ଜନ ଲଗାତର ଦ୍ୱିତୀୟଥର ସଭାପତି ନିର୍ବାଚିତ ହୋଇଥିବା ବେଳେ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପବିତ୍ର ମୋହନ ବିଶ୍ୱାଳଙ୍କୁ ୧୨ ଭୋଟରେ ପରାସ୍ତ କରିଛନ୍ତି । ରଞ୍ଜନ ୧୦୬ ଭୋଟ ପାଇଥିବା ବେଳେ ପବିତ୍ର ୯୪ ଭୋଟ ପାଇଛନ୍ତି । ଦୁଇଟି ଭୋଟ ନାକଚ ହୋଇଛି । ସେହିପରି ସମ୍ପାଦକ ପଦ ପାଇଁ ପ୍ରଶାନ୍ତ କୁମାର ପାଣି ଓ ଅଜିତ କୁମାର ତ୍ରିପାଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ପ୍ରଶାନ୍ତ ୧୦୨ ଭୋଟ ପାଇଥିବା ବେଳେ ଅଜିତ ୧୦୦ ଭୋଟ ପାଇ ମାତ୍ର ୨ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି । ଉପସଭାପତି ପଦ ପାଇଁ ଅରୁଣ କୁମାର ନନ୍ଦ ଓ ସଞ୍ଜୀବ କୁମାର ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଅରୁଣ ୩୬ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କାମାକ୍ଷାନଗର ଓକିଲ ସଙ୍ଘରେ ସମୁଦାୟ ୨୨୬ ଭୋଟର ଥିବା ବେଳେ ୨୦୨ ଜଣ ଭୋଟଦାନ କରିଥିଲେ ।

## ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ



ଗଁଦିଆ,୨୮ ।୩(ସମିସ): ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ଓ ଗଁଦିଆ ଥାନା ପୁଲିସ ମିଳିତ ଭାବେ ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ଗଁଦିଆ ବ୍ଲକ ଇଲେଇଜଙ୍ଗ ନିକଟରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚାଲିଥିବା ବେଳେ ଅନେକ ବେପରୁଆ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କନିଷ୍ଠ ମୋଟର ଯାନ ନିରୀକ୍ଷକ ସୁନିତା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଥିଲା । ଅଧିକାରୀମାନେ ଗାଡ଼ିଗୁଡ଼ିକର ଫିଟନେସ, ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ, ରେଜିଷ୍ଟ୍ରେସନ୍ ପେପର ଓ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରିଥିଲେ । ବିନା ହେଲମେଟ, ସିଟବେଲ୍ଟରେ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା ଓ ଓଭରଲୋଡିଂ ଭଳି ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି ।

## ହିନ୍ଦୋଳରେ ରାମନବମୀ ପାଳିତ



ଖଜୁରିଆକଟା,୨୮ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଶ୍ରୀରାମ ନବମୀ ପାଳିତ ହୋଇଛି । ଏହି ଅବସରରେ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ସେହିପରି ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡଠାରେ ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଛି । ମହାବୀର ସଙ୍ଗଠନ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ପତି ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ସହଦେବ ପୃଷ୍ଟି, ଇତିଶ୍ରୀ ସାହୁ, ମଣ୍ଡଳ ସଭାପତି ଶିବଶକ୍ତି ମହାନ୍ତି, ଜଗବନ୍ଧୁ ଦଳେଇ, ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନ ୫ଟାରେ ଜଗନ୍ନାଥ ମନ୍ଦିରଠାରୁ କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ସୁସଜ୍ଜିତ ଗାଡ଼ିରେ ବଜାର ପରିକ୍ରମା କରି ରାମ ମନ୍ଦିରରେ ପହଞ୍ଚିଥିଲେ ।

## ନୂଆଗାଁ ଗ୍ରାମରେ ଶ୍ରୀରାମ ନବମୀ ଯାତ୍ରା



ଢେଙ୍କାନାଳ,୨୮ ।୩(ସମିସ): ସଦର ବ୍ଲକ ନୂଆଗାଁ ଗ୍ରାମରେ ଶ୍ରୀରାମ ମହାପ୍ରଭୁଙ୍କର ଜନ୍ମ ଉତ୍ସବ ମହାଆଡମ୍ବରରେ ପାଳିତ ହେଉଛି । ସକାଳ ସମୟରେ ଠାକୁରଙ୍କ ନୀତିକାନ୍ତି ହୋମ ଯଜ୍ଞ ଆଦି କାର୍ଯ୍ୟ କରାଯାଇଥିଲା । ସନ୍ଧ୍ୟା ସମୟରେ ସନ୍ଧ୍ୟା ଧୂପ ସହିତ ଠାକୁରଙ୍କୁ ବିମାନରେ ସୁସଜ୍ଜିତ କରି ଘଣ୍ଟ, ଘଣ୍ଟା, ମାଦଳ, କୀର୍ତ୍ତନ, ଲଉଡିଖେଳ ଖେଳି ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଗ୍ରାମର ପ୍ରତ୍ୟେକ ଗ୍ରାମବାସ ନିଜ ନିଜ ଘର ସାମ୍ନାରେ ଝୋଟି ପକାଇ, କଳସ ବସାଇ, ମାଆମାନେ ବନ୍ଦାପନା କରି ଭକ୍ତି ଭକ୍ତି ଅର୍ଘ୍ୟ ଅପ୍ରଣ କରିଥିଲେ । ଏଥିରେ ନୂଆଗାଁ ଗ୍ରାମର ସଭାପତି ଆର୍ତ୍ତବନ୍ଧୁ ମଳିକ, ବିନୋଦ ବରାଳ, ଭଳଭଦ୍ର ପରିଡା, ଧ୍ରୁବ ଚରଣ ବେହେରା, ସମାଜ ସେବୀ ସନ୍ତୋଷ କୁମାର ଭୂୟାଁ, ପ୍ରସନ୍ନ ବେହେରା ଏବଂ ଶତାଧିକ ଗ୍ରାମବାସୀ ଶାନ୍ତି ଶୃଙ୍ଖଳା ସହିତ ପୁଲିସ ପ୍ରଶାସନର ଉପସ୍ଥିତିରେ ମହାସମାରୋହରେ ପାଳନ କରିଥିଲେ । ରାତ୍ରି ସମୟରେ ଯାତ୍ରା ପାର୍ଟୀକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

# ୪୪୮ ଚାଷୀ ଧାନ ବିକ୍ରିରୁ ବଞ୍ଚିତ

କଙ୍କଡାହାଡ଼,୨୮ ।୩(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ପକ୍ଷରୁ ଖୋଲିଥିବା ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନ କରିଛନ୍ତି । ଧାନକିଣା ଶେଷ ହେବାକୁ ବସିଥିବା ବେଳେ ଶତାଧିକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ଅଛନ୍ତି । ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନେ ସେବା ସମବାୟ ସମିତି ଆଗରେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ରଖି ଧାରଣାରେ ବସିଛନ୍ତି । କଙ୍କଡ଼ାହାଡ଼ ସେବା ସମବାୟ ସମିତିରେ ୧୨୫୦ ଜଣ ଚାଷୀ ପଞ୍ଜିକରଣ କରିଥିଲେ । ୮୦୨ ଜଣ ଚାଷୀଙ୍କ ୩୫ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲା ବେଳେ ୪୪୮ ଜଣ ଚାଷୀ ଧାନ ବିକ୍ରି ରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କୁ ଟୋକନ ମିଳିଥିଲା ବେଳେ ଧାନ କିଣା ଯାଉ ନାହିଁ । ପଞ୍ଜିକରଣ ହୋଇଥିବା ୧୨୫୦ ଜଣ ଚାଷୀ ୪୪ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟୋକନ ଆସିଛି । ଧାନ ବିକ୍ରି ରୁ ବଞ୍ଚିତ ଥିବା ୪୪୮ ଚାଷୀଙ୍କ ପାଇଁ ୯୦୦୦ କୁଇଣ୍ଟାଲ ଧାନ ଆବଶ୍ୟକତା ରହୁଥିବା ବେଳେ ମିଲରଙ୍କ ଅବହେଳା କାରଣରୁ ଧାନ ବିକ୍ରି ହେଉ ନଥିବା ସେବା ସମବାୟ ସମିତି ପକ୍ଷରୁ ଜଣା ପଡ଼ିଛି । ଚାଷୀ ଅଭିଯୋଗ



କରିଛନ୍ତି ଫେବୃଆରୀ ୧୭ ତାରିଖରେ ଟୋକନ ଥିବାବେଳେ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି ହେଇ ପାରୁ ନାହିଁ । ଟୋକନ ଅବଧିର ଶେଷ ତାରିଖ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହୁଥିବା ବେଳେ ଚିନ୍ତାରେ ।ଆଜି ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହୋଇ ସେବା ସମବାୟ ସମିତି ସମ୍ମୁଖରେ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର ରଖି ଅନ୍ଦୋଳନ କରିଥିଲେ । କିଛି ଚାଷୀ ସାଙ୍ଗରେ ଆଣିଥିବା ଡିଜେଲ ଦ୍ୱାରା ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ । କଙ୍କଡ଼ାହାଡ଼ ପୋଲସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନ କରୁଥିବା ଚାଷୀଙ୍କୁ ଆନ୍ଦୋଳନରୁ ହଟିବା ପାଇଁ ବୁଝାସୁଝା କରିଥିଲେ । ଖବର ପାଇ ଆନ୍ଦାଳନ ସ୍ଥଳରେ କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକ, କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ସେବା ସମବାୟ ସମିତିରେ ପହଞ୍ଚି ଆନ୍ଦୋଳନ ଚାଷୀଙ୍କୁ ବୁଝାସୁଝା କରି ସମସ୍ତେ କିଭଳି ସୁଚାରୁ ରୂପେ ଧାନ ମଣ୍ଡିରେ ବିକ୍ରି କରି ପାରିବେ ବୁଝାଇଥିଲେ । ଏ ସଙ୍କ୍ରାନ୍ତରେ ସେବା ସମବାୟ ସମିତି ସମ୍ପାଦକ ପ୍ରଦ୍ୟୁମ୍ନ ଦାସ କହିଛନ୍ତି ସେବା ସମବାୟ ସମିତିରେ ୧୨୫୦ ଜଣ ଚାଷୀ ପଞ୍ଜିକରଣ କରିଥିଲା ବେଳେ ୪୪ ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟାର୍ଗେଟ ଆସିଥିଲା ବେଳେ ୮୦୨ ଚାଷୀ ୩୫ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ବାକିଥିବା ୪୪୮ ଜଣ ଚାଷୀଙ୍କ ଧାନ ବିକ୍ରି ନିମନ୍ତେ ୮୨୦୦ କୁଇଣ୍ଟାଲ ଧାନ ଆବଶ୍ୟକତା ରହୁଥିବା ବେଳେ ମିଲରଙ୍କ ଅବହେଳା କାରଣରୁ

- କଙ୍କଡ଼ାହାଡ଼ ପ୍ୟାକ୍ସ ଆଗରେ ଧାରଣା
- ଆତ୍ମଦାହ ଉଦ୍ୟମ କଲେ ଚାଷୀ

ଧାନ ବିକ୍ରି ହେଇ ପାରୁନାହିଁ । ତହସିଲଦାର, ଥାନା ଅଧିକାରୀଙ୍କ ଉପସ୍ଥିତରେ ମଣ୍ଡିରୁ ଧାନ ବିକ୍ରିରୁ ବଞ୍ଚିତ ଚାଷୀ ମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନେ ଟାର୍ଗେଟ ଆସିଥିବା ଟୋକନ ଅନୁସାରେ ୩୦ ପ୍ରତିଶତ ଧାନ ବିକ୍ରି କରିବା ପାଇଁ ଆଲୋଚନା ହୋଇଥିଲା ବେଳେ ଚାଷୀ ମାନେ ସମ୍ପୂର୍ଣ୍ଣ ଧାନ ବିକ୍ରି ପାଇଁ ନିଜ ଜିଦରେ ଅଟଳ ରହିଥିଲେ । ଏ ସଙ୍କ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ । ମଣ୍ଡିରେ ଧାନ ବିକ୍ରି ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଶ୍ରୀ ଶ୍ରୀ ରାଧାକୃଷ୍ଣଜୀଉ ମନ୍ଦିର ବିଗ୍ରହ ପ୍ରତିଷ୍ଠା

ଢେଙ୍କାନାଳ,୨୮ ।୩(ସମିସ): ସ୍ଥାନୀୟ ଭଗବାନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣଜୀଉ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି । ୨୫ ତାରିଖ କମଗରା ଘାଟରୁ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଅଧିବାସ ପୂଜା ହୋଇଥିଲା । ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସାମୂହିକ ପ୍ରସାଦସେବନ ହୋଇଥିଲା । ୨୭ ତାରିଖ ନଗରକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଶନିବାର ସୂର୍ଯ୍ୟପୂଜା, ଶାଳା ପ୍ରବେଶ, ମଣ୍ଡଳ ପୂଜା, ଆହୁତି ପ୍ରଦାନ, ବିଗ୍ରହଙ୍କ ମନ୍ଦିର ପ୍ରବେଶ, ରାଜୋପଚାର, ଧ୍ୱଜାରୋପଣ, ସାଧାରଣ ଦର୍ଶନ, ପୂର୍ଣ୍ଣାହୁତି ସହ ସନ୍ଧ୍ୟାରେ ୩୦୦୦ରୁ ଉର୍ଦ୍ଧ୍ୱ ଭକ୍ତ ସାମୁହିକ ପ୍ରସାଦସେବନ କରିଥିଲେ ।

## ରଞ୍ଜାଗୋଳ ଧୂନିଘର ମଠରେ ଭାଗବତ ପାରାୟଣ



ହିନ୍ଦୋଳ/ଖଜୁରିଆକଟା,୨୮ ।୩(ସମିସ): ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳସ୍ଥିତ ପ୍ରାଚୀନ ଧୂନିଘର ମଠରେ ୨୧ ତାରିଖରୁ ଆରମ୍ଭ ହୋଇଥିବା ସାପ୍ତାହିକ ଭଗବତ ପାରାୟଣ ଓ ମହାଯଜ୍ଞ ଶୁକ୍ରବାର ଉଦଯାପିତ ହୋଇଛି । ୨୦ ତାରିଖ ଅଧିବାସ ସୂର୍ଯ୍ୟପୂଜା, ଗୋପୂଜା ପରେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ପଣ୍ଡିତ ସୁବ୍ରତ କର ପୂଜାର୍ଚ୍ଚନା କରିଥିଲେ । ୨୧ ଓ ୨୨ ତାରିଖ ପଣ୍ଡିତ ଗୌରହରି ଦାସ, ୨୩ ଓ ୨୪ ତାରିଖ କାଳନ୍ଦୀ ଚରଣ ଦାସ ମହାରାଜ, ୨୫ ଓ ୨୬ ତାରିଖ ଶୁକଦେବ ପଣ୍ଡା ଓ ୨୭ ତାରିଖ ଡ. ନିରଞ୍ଜନ ପଣ୍ଡା ପ୍ରବଚକ ଭାବେ ଯୋଗଦେଇ ଓଡ଼ିଆ ଭାଗବତ ପରିବେଷଣ କରିଥିଲେ । ମଠାଧୀଶ ମାଧବାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ପାରାୟଣ କମିଟିର ବରିଷ୍ଠ ସଦସ୍ୟ ମଙ୍ଗରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ୨୭ ତାରିଖ ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମଦ ଭାଗବତ ମହାପୁରାଣ ଆମ ଜନ ଜୀବନକୁ ମାର୍ଜିତ କରେ ବୋଲି କହିଥିଲେ । ବିଭିନ୍ନ ଦିବସରେ ରଞ୍ଜାଗୋଳ, ସାନହିନ୍ଦୋଳ, ଗୁରିଲୋ, ଅସରଡ଼ା, ବାର୍ଶିଙ୍ଗା ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ନାମ ସଙ୍କୀର୍ତ୍ତନ କରିଥିଲେ । ୨୮ ତାରିଖ ପୂର୍ଣ୍ଣାହୁତି ଦିବସରେ ବିଶ୍ୱରଞ୍ଜନ ଜନ୍ମେଜୟ ଯଜ୍ଞରେ ଘୃତ ଅର୍ପଣ କରିଥିଲେ । ମଠର ସାଧୁ ବୃନ୍ଦାବନ ଦାସ ବ୍ୟାସ ଓ ପ୍ରମୋଦ ଦେହୁରୀ ପରୀକ୍ଷିତ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ପାରାୟଣ କମିଟିର ଅଧ୍ୟକ୍ଷ ବାସୁଦେବ ପ୍ରଧାନ, ବରିଷ୍ଠ ସଦସ୍ୟ ଜଗଦୀଶ ପ୍ରଧାନ, ରାଜକିଶୋର ସାହୁ, ରମେଶ ଚନ୍ଦ୍ର ସାହୁ, ଗଣେଶ୍ୱର ବିଶ୍ୱାଳ, ସର୍ବେଶ୍ୱର ସାହୁ, ତରଣୀସେନ ପ୍ରଧାନ, ଲିଙ୍ଗରାଜ ସାହୁ, ଦୟାନିଧି ସାହୁ, ରଞ୍ଜନ ପ୍ରଧାନ, ପବନା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

